## ଆଜି କ'ଣ କେଉଁଠି

**ଫୁଲବାଣୀ**
- ଜିଲା ପ୍ଲାନିଂ କମିଟି ବୈଠକ। ସ୍ଥାନ-ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ-ପୂର୍ବାହ୍ନ ୧୧ଟା ।

**ଫୁଲବାଣୀ**
- ବାଲିପଦରରେ ଗ୍ରାମ ସଭା। ସ୍ଥାନ-ପଞ୍ଚାୟତ କାର୍ଯ୍ୟାଳୟ, ସମୟ-ପୂର୍ବାହ୍ନ ୧୦ଟା

# ଆଉଟସୋର୍ସିଂ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦାବି କଲା ଏଚ୍ଏମ୍ଏସ୍

**ବ୍ରହ୍ମପୁର ଅଫିସ୍,୧୯।୧୨:** ରାଜ୍ୟର ବିଭିନ୍ନ ଅଞ୍ଚଳରେ ୧ ହଜାରରୁ ଊର୍ଦ୍ଧ୍ୱ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଶାଖା ରହିଛି। ସାଧାରଣ ଜନତା ଅନ୍ୟାନ୍ୟ ବ୍ୟାଙ୍କ ଅପେକ୍ଷା ଏସ୍‌ବିଆଇ ଉପରେ ଅଧିକ ନିର୍ଭର ଓ ଭରସା କରିଥାନ୍ତି। କିନ୍ତୁ ଷ୍ଟେଟ ବ୍ୟାଙ୍କ ଭଳି ପ୍ରତିଷ୍ଠିତ ଅନୁଷ୍ଠାନରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି। ଏ ନେଇ ହିନ୍ଦ ମଜଦୁର ସଭା (ଏଚଏମ୍ଏସ୍) ଏସ୍‌ବିଆଇରେ କାର୍ଯ୍ୟରତ ଆଉଟ ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରିଛି। ସଂଘ ପକ୍ଷରୁ କୁହାଯାଇଛି, ସମାନ କାମକୁ ସମାନ ଦରମା ନିୟମ ରହିଥିବା ସତ୍ତ୍ୱେ ଆଉଟସୋର୍ସିଂ କାର୍ଯ୍ୟ କରୁଥିବା ୧୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଉକ୍ତ ସୁବିଧାରୁ ବଞ୍ଚିତ ଅଛନ୍ତି। ବର୍ତ୍ତମାନ କର୍ମଚାରୀମାନେ ପ୍ରାୟ ୧୦ ଘଣ୍ଟା ଧରି କାର୍ଯ୍ୟ କରୁଛନ୍ତି। କିନ୍ତୁ ସେମାନଙ୍କୁ ଠିକ ପ୍ରାପ୍ୟ ମିଳୁ ନାହିଁ। ଚାକିରୀ ପ୍ରଦାନକାରୀ ଠିକାଦାରମାନେ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ପ୍ରାପ୍ୟ ପ୍ରଦାନ କରୁଥିବା ସଂଘ ଅଭିଯୋଗ କରିଛି। ଏପରିକି ଇପିଏଫ, ଇଏସ୍ଆଇ ଠିକ ଭାବେ ଦାଖଲ କରୁ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ସଂଘ ରାଜ୍ୟ ଉପସଭାପତ ରବି ରଥ ଏସ୍‌ବିଆଇ ମୁଖ୍ୟ ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ସଂଘ ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଏମ୍‌କେସିଜିରେ 'ଜରୁରୀ ସେବା ପାଇଁ ସେବିକା' ଶୀର୍ଷକ କର୍ମଶାଳା

**ବ୍ରହ୍ମପୁର ଅଫିସ,୧୯।୧୨:** ଭାରତର ତାଲିମପ୍ରାପ୍ତ ନର୍ସିଂ ସଂଘ (ଟିଏନ୍ଏଆଇ) ପକ୍ଷରୁ ଏମକେସିଜି ମେଡିକାଲ୍ କଲେଜ ପରିସରରେ ଥିବା ନର୍ସିଂ କଲେଜ ଠାରେ ସୋମବାର ଠାରୁ 'ଜରୁରୀ ସେବାରେ ସେବିକା' ଶୀର୍ଷକ ଏକ ୭ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ନର୍ସିଂ ଡାଇରେକ୍ଟର୍ ଡ.ରାମଚନ୍ଦ୍ର ରାଉତ ଆଭାସୀ ମାଧମରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଟିଏନ୍ଏଆଇ ସଭାପତି ଡା. ଫୁଲଣା କୁମାରୀ ଦେବୀ ଯୋଗଦେଇ ଓଡ଼ିଶା ଟିଏନ୍ଏଆଇର କାର୍ଯ୍ୟାବଳୀ ଓ ସେବାଧିକାରୀ ମାନଙ୍କର ସ୍ୱାର୍ଥନିହିତ ଉନ୍ନତିମୂଳକ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ଡା.ଅନସୂୟା ପଟ୍ଟନାୟକ ଓ ଗବେଷଣା ଏବଂ ଶିକ୍ଷା କମିଟି ଅଧକ୍ଷା ଡା.ରୀତାଞ୍ଜଳି ସାହୁ ଜରୁରୀକାଳୀନ ନର୍ସିଂସେବାରେ ନର୍ସିଂ ଅଫିସର୍ ମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଜରୁରୀ କାଳୀନ ସେବା ଯୋଗାଇଦେବା ପାଇଁ ନର୍ସିଂ ଅଫିସରମାନେ କିଭଳି ପ୍ରସ୍ତୁତ ରହିବେ ସେ ସମ୍ପର୍କରେ ମଧ କହିଥିଲେ। ରାଜ୍ୟର ବିଭିନ୍ନ ନର୍ସିଂ କଲେଜ ଶିକ୍ଷକମାନେ ଏହି କର୍ମଶାଳାରେ ଯୋଗ ଦେଇଛନ୍ତି। ସହକାରୀ ପ୍ରାଧାପକ କୃତୀଦୀପା ମହାନ୍ତି ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

**ବ୍ରହ୍ମପୁର ଅଫିସ୍,୧୯।୧୨:** ବ୍ରହ୍ମପୁରର ଆଇନଜୀବୀ ଏମ୍.ଲକ୍ଷ୍ମୀନାରାୟଣ (୫୫)ଙ୍କର ରବିବାର ରାତିରେ ବିୟୋଗ ହୋଇଯାଇଛି। ସୋମବାର ଏନେଇ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଉପସଭାପତି ପ୍ରକାଶ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ସ୍ୱର୍ଗତ ଆଇନଜୀବୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅକ୍ଷୟ ପଟ୍ଟନାୟକ, ପ୍ରଦୀପ ବେହେରା, କରୁଣାକର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସୋମବାର ୧ଘଣ୍ଟା ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

# ବିଭିନ୍ନ ଦାବି ନେଇ ପ୍ରଶାସନିକ କୋଠା ସମ୍ମୁଖରେ ଧାରଣା

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ବ୍ରହ୍ମପୁର ଅଫିସ,୧୯।୧୨**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ହଷ୍ଟେଲ ଅନ୍ତେବାସୀ ଉଭୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଛାତ୍ରୀ ଓ ଛାତ୍ରବାସରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ଛାତ୍ରୀଛାତ୍ର ସୋମବାର ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନିକ କୋଠା ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାକୁ ଓହ୍ଲାଇଥିଲେ।


ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ଅନୁସାରେ ବହୁଦିନ ଧରି ଉଭୟ ଛାତ୍ରୀ ଓ ଛାତ୍ରାବାସରେ ବିଭିନ୍ନ ସମସ୍ୟା ଲାଗିରହିଛି। ହଷ୍ଟେଲରେ ଉତ୍ତମ ଖାଦ୍ୟ ଦିଆଯାଉ ନାହିଁ। ସେହିପରି କ୍ୟାମ୍ପସ ପରିସରରେ ଠିକ ୱାଇଫାଇ ସୁବିଧା, ସ୍ୱଚ୍ଛତା, ପରିଚ୍ଛନ୍ନତାକୁ ଗୁରୁତ୍ୱ ଦିଆଯାଉ ନ ଥିବା ନେଇ ମଧ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା କେହି ଏହି ଅଭିଯୋଗ ପ୍ରତି କର୍ଣ୍ଣପାତ କରୁନାହାନ୍ତି। ରବିବାର ଲାଇବ୍ରେରୀ ବନ୍ଦ ରହୁଥିବାରୁ ପାଠପଢ଼ାରେ ଅସୁବିଧା ହେଉଛି। ଲାଇବ୍ରେରୀରେ ଇଣ୍ଟରନେଟ ସୁବିଧା ନ ଥିବାରୁ ଅସୁବିଧା ହେଉଛି। ବିଶ୍ୱବିଦ୍ୟାଳୟଠାରୁ ହଷ୍ଟେଲ ରାସ୍ତା ମରାମତି, ସ୍ନାତକୋତ୍ତର ବିଭାଗର ଆକ୍ୱାଗାର୍ଡ଼ ତ୍ରୁଟି ମରାମତି, ମାଗାଜିନ ଓ କ୍ୟାଲେଣ୍ଡର ନିମନ୍ତେ ଟଙ୍କା ପୈଠ କରିଥିଲେ ଆଜିଯାଏ ଗୋଟିଏ ବି କ୍ୟାଲେଣ୍ଡର ଓ ମାଗାଜିନ ପାଉନାହାନ୍ତି। ସେପହିରି ଏକ୍ସଟ୍ରା କ୍ଲାସ ନିମନ୍ତେ ଛାତ୍ରୀଛାତ୍ରଙ୍କୁ ଦେୟ ଦେବାକୁ ହେଉଥିଲେ ମଧ ଭଲଭାବେ କ୍ଲାସ ହେଉନାହିଁ। ଏଣୁ ଏଥି ନିମନ୍ତେ ଏକ୍ସଟ୍ରା କ୍ଲାସ ଦେୟମୁକ୍ତ କରାଯାଉ ନ ଚେତ ଦୈନିକ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ପାଠପଢ଼ା ବ୍ୟବସ୍ଥା କରାଯାଉ ବୋଲି ଛାତ୍ରୀଛାତ୍ରମାନେ ଦାବିକରି ଦୀର୍ଘ ସମୟ ଧାରଣାରେ ବସିଥିଲେ। ପରେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଧାରଣାସ୍ଥଳକୁ ଆସି ଛାତ୍ରୀଛାତ୍ରଙ୍କୁ ବୁଝାସୁଝା କରିବା ସହ କୁଳପତିଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ର ଧାରଣାରୁ ହଟିଥିଲେ।

# ଟାଏକୋଣ୍ଡୋ ଏକାଡେମି ପକ୍ଷରୁ କଲର ବେଲ୍ଟ ପ୍ରତିଯୋଗିତା


ଟାଏକୋଣ୍ଡୋ ଏକାଡେମି ଅଫ ବ୍ରହ୍ମପୁର ପକ୍ଷରୁ କଲର ବେଲ୍ଟ ପ୍ରତିଯୋଗିତା ।

**ବ୍ରହ୍ମପୁର ଅଫିସ,୧୯।୧୨**

ଟାଏକୋଣ୍ଡୋ ଏକାଡ଼େମୀ ଅଫ ବ୍ରହ୍ମପୁର ପକ୍ଷରୁ ସୋମାବାର ହିଲପାଟଣା ସଂସ୍କୃତି ଭବନ ପରିସରରେ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଚ ସତ୍ୟନାରାୟଣ ତ୍ରିପାଠୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ବିକ୍ରମ କୁମାର ପଣ୍ଡା ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ସଞ୍ଜିତ କୁମାର ପାଣିଗ୍ରାହୀ, କର୍ଣ୍ଣେଲ ଭିନିତ ପନ୍ଥ, ଡ଼ିଭିଜନାଲ ଅଧିକାରୀ ଆଙ୍କୋନ କୋଲେ, ଟାଏକୋଣ୍ଡୋ ଏକାଡ଼େମୀ ଅଫ ବ୍ରହ୍ମପୁର ସଭାପତି ଜିତେନ୍ଦ୍ର କୁମାର ମୁନି ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗୀତାରେ ଜିଲାର ବିଭିନ୍ନ ବ୍ଲକ ଓ ବ୍ରହ୍ମପୁର ସହରର ପ୍ରାୟ ୨୫୦ ଜଣ ପୁରଷ ଓ ମହିଳା ପ୍ରତିଯୋଗୀ ବିଭିନ୍ନ ବର୍ଗରେ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୨୯ ଜଣ ସ୍ୱର୍ଣ୍ଣ, ୫୫ ଜଣ ବ୍ରୋଞ୍ଜ ଓ ୪୯ ଜଣ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ଧର୍ମନଗର ସ୍ଥିତ ବ୍ରହ୍ମପୁର ଟାଏକୋଣ୍ଡୋ ଟ୍ରେନିଂ ସ୍କୁଲ ପକ୍ଷରୁ ନବମ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ କୋଚ ମନୋଜ କୁମାର ମହାରଣା ଅଧକ୍ଷତା କରିଥିଲେ। ଅନ୍ତର୍ଜାତିକ କୋଚ ତଥା ଜିଲା ସମ୍ପାଦକ କେ. ମନୋଜ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅନ୍ତର୍ଜାତୀକ ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ କୋଚ ଇ. ଲଳିତ କୁମାର ଏବଂ ଜାତୀୟ କୋଚ ବାସୁ ନାୟକ ଓଡ଼ିଶା ଟାଏକୋଣ୍ଡ ସଙ୍ଘର ସମ୍ପାଦକ ମନମୋହନ ଭଞ୍ଜ ଉପସ୍ଥିତ ରହି ପରୀକ୍ଷା ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ବୟସର ଓ ବର୍ଗର ୫୫ ଛାତ୍ରୀଛାତ୍ରକ ମଧ୍ୟରେ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପି.ଅଭିମନ୍ୟୁ ରେଡ୍ଡୀ, ଆଦିତ୍ୟ ନାୟକ, ଅଙ୍କିତ କୁମାର ମହାରଣା, ପ୍ରୀତମ ନାୟକ, ସିଲୁ ସେଠୀ, ଅବିନାଶ ଗୌଡ଼ ଓ ବହୁ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବ୍ରିଟ୍ ସଂସ୍ଥାର ତତ୍କାଳୀନ ପ୍ଲାନିଂ ଆସିଷ୍ଟାଣ୍ଟଙ୍କୁ ଜେଲ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

**ବ୍ରହ୍ମପୁର ଅଫିସ,୧୯।୧୨**

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡା. ଅରୁଣ କୁମାର ସାହୁ ସୋମବାର ଏକ ଆୟବର୍ହିଭୁତ ସମ୍ପତ୍ତି ଠୁଳ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥି™ବାରୁ ଜଜ ଅଭିଯୁକ୍ତ ତଥା ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ(ବ୍ରିଟ)ର ତତ୍କାଳୀନ ପ୍ଲାନିଂ ଆସିଷ୍ଟାଣ୍ଟ ବେଣୁଧର ଦଳବେହେରା(୭୮)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଦଳବେହେରାଙ୍କୁ ସେ ୨ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୧ମାସ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ତାଙ୍କ ରାୟରେ ପ୍ରକାଶ କରିଛନ୍ତି ବୋଲି ପିପି ସୁରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବେଣୁଧରଙ୍କ ଘର ନୟାଗଡ଼ ଜିଲା ଶରଣକୁଳ ଥାନା ଅନ୍ତର୍ଗତ କେନ୍ଦୁଡ଼ିପି। ସେ ବ୍ରହ୍ମପୁରରେ ଥିବା ବ୍ରିଟ ସଂସ୍ଥାର ପ୍ଲାନିଂ ଆସିଷ୍ଟାଣ୍ଟ ଭାବେ ୧୯୯୭ ରେ କାମ କରୁଥିଲେ। ସେହି ସମୟରେ ତାଙ୍କ ବିରୋଧରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ୧୯୯୭ ଏପ୍ରିଲ ୧୭ ରେ ବ୍ରହ୍ମପୁର ଭିଜିଲାନ୍ସ ଦଳବେହେରାଙ୍କ ତିନୋଟି ସ୍ଥାନରେ ଏକ କାଳୀନ ଚଢ଼ାଉ କରିଥିଲା।


@ ନାରାୟଣ


@ ରବୀନ୍ଦ୍ର

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com
ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଗର ହାଡ଼ିକୁଳ ମହାସଂଘ ବୈଠକ

## ନବ ନିର୍ବାଚିତ ସଦସ୍ୟଙ୍କ ଶପଥ ପାଠ ଉତ୍ସବ

**ବ୍ରହ୍ମପୁର ଅଫିସ୍,୧୯।୧୨**

ନଗର ହାଡ଼ିକୁଳ ମହାସଂଘ ବୈଠକ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଅଧକ୍ଷତା କରିଥିଲେ। ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇଥିଲେ। ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯାଇଥିଲା। ଏହି ଅବସରରେ ସଂଘର ନବ ନିର୍ବାଚିତ ସଦସ୍ୟଙ୍କ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ସୁକାନ୍ତ ମୁଖୀ, ପୂର୍ବତନ କର୍ପୋରେଟର ଓ ସଂଘ ଉପ ସଭାପତି ଅନିଲ ନାୟକ, ସାଧାରଣ ସମ୍ପାଦକ ମନୋରଞ୍ଜନ ନିମାଇଁ, କୋଷାଧକ୍ଷ ପ୍ରସନ୍ନ ପେରା, ମିଡିଆ ସେଲ୍‌ର ତ୍ରିନାଥ କୁମାର ନାୟକ ଉପସ୍ଥିତ ରହି ଶପଥ ପାଠ ପରିଚାଳନା କରିଥିଲେ। ଉତ୍ସବରେ ପ୍ରାୟ ୬୦ ଜଣ ନୂଆ ସଦସ୍ୟ ଶପଥ ନେଇଥିଲେ।

# ବିଜେଡି ପାଇଛି ଅଭୂତପୂର୍ବ ସଫଳତା

**ବ୍ରହ୍ମପୁର ଅଫିସ,୧୯।୧୨**

- ଗଞ୍ଜାମରେ ପଞ୍ଚାୟତ, ପୌର, ସମବାୟ ନିର୍ବାଚନ
- ମୁକାବିଲାରେ ବିରୋଧୀ ବିଫଳ

ଗଞ୍ଜାମ ଜିଲାରେ ୨୦୨୨ରେ ତ୍ରିସ୍ତରୀୟ ପଞ୍ଚାୟତ, ପୌର ଓ ସମବାୟ ନିର୍ବାଚନ ହୋଇଛି। ଏଥିରେ ଶାସକ ବିଜେଡି ବାଜିମାତ୍ କରିଛି ଏବଂ ମୁଖ୍ୟ ପ୍ରତିଦ୍ୱନ୍ଦି ଭାଜପାକୁ ଚକ୍‌ମା ଦେଖାଇବା ସହ କଂଗ୍ରେସ ତଳିତଳାନ୍ତ ହୋଇଯାଇଛି। ପଞ୍ଚାୟତ ନିର୍ବାଚନରେ ୱାର୍ଡମେମ୍ବର, ସମିତିସଭ୍ୟ ଓ ସରପଞ୍ଚ ନିର୍ବଚାନ ବିଭିନ୍ନ ଚିହ୍ନରେ ହୋଇଥିବା ବେଳେ କେବଳ ଜିଲା ପରିଷଦ ନିର୍ବାଚନ ଦଳୀୟ ଚିହ୍ନରେ ହୋଇଛି। ସମୁଦାୟ ୬୯ ଜିଲା ପରିଷଦ ଜୋନ୍ ମଧ୍ୟରୁ ବିଜେଡି ପ୍ରାର୍ଥୀମାନେ ୬୭ ଜୋନ୍ ଦଖଲ କରିଛନ୍ତି ଏବଂ ମାତ୍ର ଦୁଇଟି ଜୋନ୍‌ରେ ଭାଜପା ଜିତିଥିବା ବେଳେ ଖାତା ଖୋଲିପାରିନଥିଲା କଂଗ୍ରେସ। ସୂଚନାଯୋଗ୍ୟ, ୨୦୧୭ ପଞ୍ଚାୟତ ନିର୍ବାଚନରେ ଭାଜପା ୪ ଓ କଂଗ୍ରେସ ଗୋଟିଏ ଜୋନ୍‌ରେ ନିର୍ବାଚିତ ହୋଇଥିଲା। ଅବଶିଷ୍ଟ ୬୪ ଜୋନ୍ ବିଜେଡି ଦଖଲ କରିଥିଲା। ଚଳିତ ବର୍ଷ ନିର୍ବାଚନରେ ବିଜେଡି ବିଧାୟିକା ଓ ବିଧାୟକ ଥିବା ଯଥାକ୍ରମେ ଚିକିଟିର ପାତ୍ରପୁର ବ୍ଲକ ଓ ସୋରଡ଼ାର ବେଲଗୁଣ୍ଠା ବ୍ଲକର ଗୋଟିଏ ଲେଖାଏ ଜୋନ୍‌ରୁ ଭାଜପା ପାଇଛି।

ସେହିପରି ପୌର ନିର୍ବାଚନରେ ମଧ ବିରୋଧୀ ଦଳକୁ ସମଦଶା। ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳି ମ୍ୟୁନିସିପାଲିଟି ସମେତ ଜିଲାର ୧୮ ସହରାଞ୍ଚଳ ମଧ୍ୟରୁ ସବୁଠି ବିଜେଡିକୁ ସଫଳତା ମିଳିଛି। ପୌର ନିର୍ବାଚନରେ ମଧ କାଉନସିଲର, କର୍ପୋରେଟର, ନଗରପାଳ ଓ ମେୟର ପଦ ପାଇଁ ଦଳୀୟ ଚିହ୍ନ ବ୍ୟବହୃତ ହୋଇଥିଲା। ବ୍ରହ୍ମପୁର ମହାନଗର ନିଗମ ରାଜନୀତି ରୋଚକ ହୋଇଥିଲା। ୨୦୧୩ ପୌର ନିର୍ବାଚନରେ ବିଏମ୍‌ସିରେ ଭାଜପା ଖାତା ଖୋଲିନଥିବା ବେଳେ ୨୦୨୨ ନିର୍ବାଚନରେ ୭ଟି ୱାର୍ଡରେ ଜିତିଛି। ମେୟର ପଦ ପାଇଁ ହୋଇଥିବା ପ୍ରତ୍ୟକ୍ଷ ନିର୍ବାଚନରେ ବିଜେଡି ପ୍ରାର୍ଥୀ ୨୦ ହଜାରରୁ ଅଧିକ ଭୋଟରେ ଜିତିଥିଲେ ମଧ ଭାଜପାର ନୂଆ ମହିଳା ପ୍ରାର୍ଥୀ ୪୨ ୱାର୍ଡରୁ ୪୫ ହଜାରରୁ ଅଧିକ ଭୋଟ ପାଇ ଚକିତ କରି ଦେଇଥିଲା। ୨୦୧୩ ନିର୍ବାଚନରେ କଂଗ୍ରେସରୁ ୧୫ କର୍ପୋରେଟର ନିର୍ବାଚିତ ହୋଇଥିଲେ। ୨୦୨୨ ନିର୍ବାଚନରେ ମାତ୍ର ଗୋଟିଏ ୱାର୍ଡରେ କଂଗ୍ରେସ ମହିଳା ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଏହା ହାତ ଚିହ୍ନ ଦଳକୁ ଲଜ୍ଜିତ କରିଦେଇଛି।

ଚଳିତ ବର୍ଷ ସମବାୟ ନିର୍ବାଚନରେ ବିଜେଡିର ପ୍ରାର୍ଥୀ ଚୟନରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ଦଳୀୟ ଚିହ୍ନରେ ହୋଇନଥିଲେ ମଧ ବିଜେଡିର ମନୋନୀତ ପ୍ରାର୍ଥୀଙ୍କୁ ବିରୋଧକରି ବିଜେଡି ବିଦ୍ରୋହୀମାନେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନରେ ଏହା ଦେଖିବାକୁ ମିଳିଥିଲା। ଅଧିକ ବିଦ୍ରୋହି ନିର୍ବାଚିତ ହେଲେ ଏବଂ ବିଦ୍ରୋହିଙ୍କ ମଧ୍ୟରେ ଜଣେ ଗୁରୁତ୍ୱପୂର୍ଣ୍ଣ ସମବାୟ ବ୍ୟାଙ୍କରେ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି।

# ଓଏସ୍ଇବି ଶ୍ରମିକ ମହାସଂଘ ବୈଠକ

## ଦକ୍ଷତା ଭିତ୍ତିରେ ଦରମା ଦାବି

**ବ୍ରହ୍ମପୁର ଅଫିସ୍,୧୯।୧୨**

ଓଡିଶା ରାଜ୍ୟ ବିଦ୍ୟୁତ ବୋର୍ଡ ଶ୍ରମିକ (ଓଏସ୍ଇବି) ମହାସଂଘ ପକ୍ଷରୁ ଶିଳ୍ପାଞ୍ଚଳ ସକଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଜଗନ୍ନାଥ ମହାରଣା ସଭାପତିତ୍ୱ କରିଥିଲେ। ସଂଘ ଦାବିଗୁଡିକ ମଧ୍ୟରେ ଭିନ୍ନ ଭିନ୍ନ ଦକ୍ଷତା ଭିତ୍ତିରେ ଦରମା ପ୍ରଦାନ, ଇପିଏଫ ଓ ଇଏସ୍ଆଇ ଠିକ୍ ଭାବରେ ପ୍ରଦାନ, କାର୍ଯ୍ୟ ଅନୁଯାୟୀ ଆନୁସଙ୍ଗିକ ଯନ୍ତ୍ରପାତି ପ୍ରଦାନ କରିବା ପାଇଁ ଦାବି ହୋଇଛି। ସଂଘ କର୍ମକର୍ତ୍ତାମାନେ ଦୀର୍ଘ ଦିନ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଦାବି ପୂରଣ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବୈଠକରେ ମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହାସଂଘ ସମ୍ପାଦକ ଆଲୋକ ଚନ୍ଦ୍ର ପାଢୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଏସ୍‌ବିଆଇ ପ୍ରପର୍ଟି, ଅଟୋ ଏକ୍ସପୋ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ୍,୧୯।୧୨**

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ପକ୍ଷରୁ ଗୋସାଇଁନୂଆଗାଁ କେସି ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ୨ ଦିନିଆ ପ୍ରପର୍ଟି ଓ ଅଟୋ ଏକ୍ସପୋ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଉପମହାପ୍ରବନ୍ଧକ ରବୀନ୍ଦ୍ର କୁମାର ତ୍ରିବେଦୀ ଯୋଗ ଦେଇଥିଲେ। ମେଳାରେ ୧୮ଟି ବିଲଡର ଓ ୫ଟି ଅଟୋ ଡିଲର ଅଂଶଗ୍ରହଣ କରିଥିବା ବେଳେ ଆଜି ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ମେଳାରେ ଉପଲବ୍ଧ ବିଭିନ୍ନ ଋଣ ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ଜେନେରାଲ ମ୍ୟାନେଜର ଉତ୍ତମ କୁମାର ହାଜିରା ଚୌଧୁରୀ, ବ୍ରହ୍ମପୁର ମଣ୍ଡଳର ଉପ ମହାପ୍ରବନ୍ଧକ ସନ୍ଦୀପ କୁମାର ଚୌବେ, କ୍ଷେତ୍ରୀୟ ପ୍ରବନ୍ଧକ ସ୍ମିତା ରଥ, ସହାୟକ ମହାପ୍ରବନ୍ଧକ ଭବାନୀ ଶଙ୍କର ମହାନ୍ତି ଓ ପ୍ରବନ୍ଧକ ମହେଶ କୁମାର ସେଠୀଙ୍କ ସମେତ ବିଭିନ୍ନ ଶାଖା ପରିଚାଳକ ଉପସ୍ଥିତ ଥିଲେ।


ଏସ୍‌ବିଆଇ ପ୍ରପର୍ଟି ଏକ୍ସପୋରେ ଯୋଗଦେଇଥିବା ବ୍ୟାଙ୍କ ଅଧିକାରୀ।

# ଜେଲ ଫେରନ୍ତା ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର ରଖ

## ଏସ୍‌ପିଙ୍କ ଅପରାଧ ସମୀକ୍ଷା

**ବ୍ରହ୍ମପୁର ଅଫିସ,୧୯।୧୨**



ସମୀକ୍ଷା ବୈଠକରେ ଏସ୍‌ପିଙ୍କ ସମେତ ଅନ୍ୟ ପୋଲିସ୍ ଅଧିକାରୀ ।

ବ୍ରହ୍ମପୁର ଏସ୍‌ପି ଡ. ଶ୍ରବଣା ବିବେକ ଏମ୍‌ଙ୍କ ଅଧକ୍ଷତାରେ ସୋମବାର ଏକ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ବୈଠକରେ ଏସ୍‌ପି କହିଛନ୍ତି, ଆଗକୁ ବଡ଼ଦିନ ପର୍ବ, ଜିରୋ ନାଇଟ୍ ସେଲିବ୍ରେଶନ, ନୂଆବର୍ଷ ଆସୁଥିବା ବେଳେ ଆସନ୍ତା ୨୪ରୁ ୨୮ ଗୋପାଳପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଶାନ୍ତିଶୃଙ୍ଖଳାର ସହ ଉକ୍ତ ମହୋତ୍ସବଗୁଡ଼ିକ କିପରି ପାଳନ ହୋଇପାରିବ ସେ ନେଇ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ ଏସ୍‌ପି କହିଛନ୍ତି। ସେହିପରି ବ୍ରହ୍ମପୁର ପୋଲିସ ଜିଲାରେ ସମସ୍ତ ପ୍ରକାର ଆପରାଧିକ କାର୍ଯ୍ୟକଳାପକୁ ଦମନ କରିବାକୁ ସମସ୍ତ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସେ ପରାମର୍ଶ ଦେଇଥିଲେ। ସଦାସର୍ବଦା ପେସାଦାର ଅପରାଧୀ ଓ ଜେଲ ଫେରନ୍ତା ଅପରାଧୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। ହତ୍ୟା ଓ ଅନ୍ୟାନ୍ୟ ସଙ୍ଗିନ ମାମଲାରେ ସଜା କାଟି ଜେଲରୁ ମୁକୁଳିଥିବା ଅପରାଧୀ, ମଦ କାରବାର, ଦାଦାବଟି ମାଗୁଥିବା ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବାକୁ ଏସ୍‌ପି ସମସ୍ତ ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନେକ ଥାନାରେ ବହୁଦିନ ଧରି ବିଭିନ୍ନ ଆଳରେ ପଡ଼ି ରହିଥିବା ମାମଲାଗୁଡ଼ିକର ତୁରନ୍ତ ଫଇସଲା କରିବା ନିମନ୍ତେ କହିଛନ୍ତି। ଥାନା ଅଞ୍ଚଳରେ ବିଶେଷକରି ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ବିଭିନ୍ନ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅପରାଧୀମାନଙ୍କୁ ଗିରଫ କରିବାକୁ ବୈଠକରେ ଅଧିକାରୀଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଦିନକୁ ଦିନ ସାଇବର ଅପରାଧ ବଢୁଥିବାରୁ ସାଇବର ଅପରାଧୀଙ୍କୁ କିଭଳି ଭାବେ ଟ୍ରାକ୍ କରାଯାଇପାରିବ ସେ ଦିଗରେ ଅଧିକରୁ ଅଧିକ ଦୃଷ୍ଟିଦେବାକୁ ସେ ପୋଲିସ ଅଧିକାରୀମାନଙ୍କୁ କହିଥିଲେ।

## ବୁଲେଟ ଧକ୍କାରେ ମହିଳାଙ୍କ ମୃତ୍ୟୁ

ପୁରୁଷୋତ୍ତମପୁର,୧୯।୧୨(ଡି.ଏନ.ଏ.)-ପୁରୁଷୋତ୍ତମପୁର ସହର ମଧ୍ୟସ୍ଥ ବ୍ରହ୍ମପୁର-ପୁରୁଷୋତ୍ତମପୁର ରାସ୍ତାର ଟାଙ୍ଗୁଡିଆ ପଦରସାହି ଛକଠାରେ ରବିବାର ରାତିରେ ଏକ ବୁଲେଟ ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝୁନୁ ନାୟକ (୪୯)। ସେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ପଛପଟୁ ବୁଲେଟ୍‌ଟି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇ ତଳେ ପଡିଯାଇଥିଲେ। ଉପସ୍ଥିତ ଲୋକେ ଘଟଣା ସ୍ଥଳରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁରୁଷୋତ୍ତମପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ବୁଲେଟ୍‌କୁ ଜବତ କରିବା ସହ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

**ସଂକ୍ଷେପରେ**

## ସାହିତ୍ୟ ବିଶାରଦଙ୍କ ପରଲୋକ



ସୋରଡ଼ା, ୧୯।୧୨ (ଡି.ଏନ୍.ଏ)- ଓଡ଼ିଶାର ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟଗୁଡ଼ିକରେ ପରିଚିତ ସାହିତ୍ୟ ବିଶାରଦ ପଣ୍ଡିତ ଭଗବତ ପ୍ରସାଦ ଦାଶ ଶର୍ମାଙ୍କ ୮୪ ବର୍ଷ ବୟସରେ ସୋରଡ଼ା ଆଡ଼ପମଣ୍ଡପସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି। ବ୍ରହ୍ମପୁର ରାମାଧିନ ସଂସ୍କୃତ କଲେଜରୁ ଶାସ୍ତ୍ରୀ, ପୁରୀ ସଦାଶିବ ସଂସ୍କୃତ କଲେଜରୁ ସାହିତ୍ୟା ଆଚାର୍ଯ୍ୟ ଓ ବନାରସ ହିନ୍ଦୀ ସାହିତ୍ୟ ସମ୍ମିଳନୀରୁ ବିଶାରଦ ଉପାଧି ପାଇଥିବା ସ୍ୱର୍ଗତ ଭାଗବତ ସୁନ୍ଦରଗଡ, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ ଜିଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ୧୯୯୬ରେ ଅବସର ନେଇ ସାହିତ୍ୟ ସାଧନକୁ ବ୍ରତ କରିଥିଲେ। ତାଙ୍କ ଶବ ଶୋଭାଯାତ୍ରାରେ ବହୁ ବ୍ୟକ୍ତି, ଶିକ୍ଷକ, ଅଧ୍ୟାପକ, ସାମାଜିକ ଅନୁଷ୍ଠାନ ଯୋଗଦେଇଥିଲେ। ତାଙ୍କର ୩ ପୁତ୍ର ରଷିକୁଲ୍ୟା ଉଚ୍ଚମାଧମିକ ବିଦ୍ୟାଳୟ ଅଧକ୍ଷ ଅନିଲ ଦାସ, ହୁକୁମା ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶ୍ରୀକାନ୍ତ ଦାସ, କ୍ରୀଡ଼ା ଶିକ୍ଷକ ସୁନୀଲ କୁମାର ଦାସଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

## ଜି.ଉଦୟଗିରିରେ ହାଡ଼ଭଙ୍ଗା ଶୀତ, ପାରଦ ୫ ଡିଗ୍ରୀ

ଜି.ଉଦୟଗିରି/ଦାରିଙ୍ଗବାଡ଼ି, ୧୯।୧୨(ଡି.ଏନ.ଏ.)-ଜି.ଉଦୟଗିରି ସହରର ସମେତ ଆଖପାଖ ଅଞ୍ଚଳରେ ଦୁଇ ଦିନ ହେବ ହାଡ଼ ଭଙ୍ଗା ଶୀତ ଅନୁଭୂତ ହେଉଛି। ସକାଳ ୧୦ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟ ହେଉଛି। ଜି.ଉଦୟଗିରି କୃଷି ପାଣିପାଗ ମାପକ କେନ୍ଦ୍ର ତରଫରୁ ସୋମବାର ସର୍ବନିମ୍ନ ତାପମାତ୍ରା ୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ରବିବାର ମଧ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ଥିଲା ବୋଲି ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି। ପ୍ରବଳ ଶୀତ ଯୋଗୁ ସନ୍ଧ୍ୟା ୭ଟା ବେଳକୁ ଦୋକାନ ବଜାର ଶୂନଶାନ ହୋଇଯାଉଛି। ଅନ୍ୟପଟେ ଶୀତର ମଜା ନେବା ପାଇଁ ପର୍ଯ୍ୟଟକମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅନ୍ୟପଟେ ଘନ କୁହୁଡି ଯୋଗୁ ଘାଟି ରାସ୍ତାମାନଙ୍କରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହେଉଛି। ସେହିପରି ଦାରିଙ୍ଗବାଡ଼ିରେ ସକାଳ ୮ ଟା ସୁଦ୍ଧା ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରହିଥିବା ବିଡ଼ିଓ ଗଦାଧର ପାତ୍ର କହିଛନ୍ତି।

## ବକେୟା ଦରମା ଦାବିରେ ଅଧାପିକା, ଅଧାପକଙ୍କ ଧାରଣା

ପାରଳାଖେମୁଣ୍ଡି,୧୯।୧୨(ଡି.ଏନ୍.ଏ)-ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧାପକ ଅଧାପିକା ଓ କର୍ମଚାରୀମାନେ ୪ମାସର ବକେୟା ଦରମା ଦାବିରେ ଧାରଣାରେ ବସିଛନ୍ତି। ସୋମବାର କଲେଜର ଅଧାପକ, ଅଧାପିକା ଏବଂ କର୍ମଚାରୀମାନେ ଏକତ୍ରିତ ହୋଇ ବିଭିନ୍ନ ସ୍ଲୋଗାନମାନ ଦେଇ କଲେଜ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୂଚନା ପ୍ରକାରେ ଗତ ୪ମାସ ହେଲା ଏହି କଲେଜର ଅଧାପକ ଅଧାପିକା ଓ କର୍ମଚାରୀଙ୍କୁ ଦରମା ଦିଆଯାଇ ନାହିଁ ଏନେଇ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ଫଳପ୍ରଦ ନ ହେବାରୁ କହିଛନ୍ତି କର୍ମଚାରୀମାନେ। କଲେଜ ଭାରପ୍ରାପ୍ତ ଅଧକ୍ଷ ରାଧାକାନ୍ତ ଭୂୟାଁ ଏହାକୁ ଗମ୍ଭୀରତାର ସହ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି ବୋଲି କହିଛନ୍ତି।

## ଲୁହାଗୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆର.ଉଦୟଗିରି,୧୯।୧୨(ଡି.ଏନ.ଏ.)-ଆର.ଉଦୟଗିରି ବ୍ଲକ ଲୁହାଗୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଜଗନ୍ନାଥ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଡିଓ ତପସ୍ୱିନୀ ହାଁସଦା ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷାଧିକାରୀ ଦେବଦାସ ତାମରାପୁ ମୁଖ୍ୟବକ୍ତା, ରଞ୍ଜିବ ଶବର ସ୍ୱତନ୍ତ୍ର ଅତିଥି, ଲୁହାଗୁଡି ସରପଞ୍ଚ କୈଳାସ ବଡରଇତ, ସମିତି ସଭ୍ୟା ମିନତୀ ଗମାଙ୍ଗ, ଏବିଓ କୁନା ପାତ୍ର, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସର୍ବେଶ୍ୱର ଲୋହରା, ଶିକ୍ଷକ ଜୟ ସେଠୀ, ଦେବରାଜ ସେଠୀ ଓ ମିଳିତ ଶିକ୍ଷକ ସଂଘ ସଭାପତି କବିରାଜ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟର ଇତିହାସ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପିଲାଙ୍କ ନିମନ୍ତେ ଯୋଗାଇ ଦିଆଯାଉଥିବା ସୁବିଧା ସୁଯୋଗ ସମ୍ପର୍କରେ କହିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ପର୍ଯ୍ୟଟକଙ୍କ ମନମୋହୁଛି ଗଣ୍ଡାହାତୀ

**ଗିରିଧାରୀ ପରିଚ୍ଛା**
**ପାରଳାଖେମୁଣ୍ଡି, ୧୯।୧୨**



ଗଜପତି ଜିଲାରେ ଥିବା ଗଣ୍ଡାହାତୀ ଜଳପ୍ରପାଦ

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଗଜପତିର ଗଣ୍ଡାହାତୀ ଜଳପ୍ରପାତ। ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଗଜପତି ଜିଲାର ରହିଛି ସ୍ୱତନ୍ତ୍ର ମାନ୍ୟତା। ଯେଉଁଠି ପ୍ରକୃତି ଅଜାଡ଼ି ଦେଇଛି ତା'ର ସବୁ କାରିଗରୀ, ତାହା ହେଉଛି ଗଣ୍ଡାହାତୀ ଜଳପ୍ରପାତ। ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରୁ ପ୍ରାୟ ୩୦ କି.ମି. ଦୂରରେ ଅବସ୍ଥିତ ଏହି ପର୍ଯ୍ୟଟନସ୍ଥଳୀ। ସବୁବେଳେ ଏଠାରେ ଲାଗିରହିଥାଏ ପର୍ଯ୍ୟଟକଙ୍କ ଭିଡ଼। ଶୀତଋତୁର ଆଗମନ ପରେ ଏଠାକୁ ଲମ୍ବୁଛି ପର୍ଯ୍ୟଟକଙ୍କ ଧାଡ଼ି। ଜମୁଛି ପିକ୍‌ନିକ୍। କେବଳ ସେତିକି ନୁହେଁ, ଜଳପ୍ରପାତର କୁଲୁକୁଲୁ ନାଦ ପର୍ଯ୍ୟଟକଙ୍କ ମନକୁ ଆନନ୍ଦିତ କରୁଛି।

ପ୍ରକୃତିର ସୁନ୍ଦରତା କାରଣରୁ ଶୀତଦିନେ ଖାସ୍‌କରି ନବବର୍ଷ ସମୟରେ ହଜାର ହଜାର ପର୍ଯ୍ୟଟକଙ୍କୁ ଡାକିଆଣେ ଗଣ୍ଡାହାତୀ। ଏଠାରେ ଥିବା ବିଭିନ୍ନ ପିକ୍‌ନିକ୍ ସ୍ପଟ୍‌ରେ ଏବେ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି। ଆନ୍ଧ୍ର ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଲୋକେ ଆସି ଏଠାରେ ଭୋଜିଭାତ କରିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି। ବିଶେଷକରି ରବିବାର ତଥା ଛୁଟିଦିନମାନଙ୍କରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଏଠାରେ ଲୋକେ ବଣ ଜଙ୍ଗଲରେ ବୁଲିବା ସହ ଜଳ ପ୍ରପାତରେ ଗାଧୋଇବା ଏବଂ ସ୍ମୃତିକୁ ନିଜ କ୍ୟାମେରାରେ ଧରି ରଖିବାର ମଜା ନେବା ପାଇଁ ପର୍ଯ୍ୟଟକମାନେ କୌଣସି ମଉକା ଛାଡ଼ନ୍ତି ନାହିଁ। ତେବେ ଏଠାକୁ ଆସିଥିବା ପର୍ଯ୍ୟଟକ ରଞ୍ଜନ କୁମାର ସାହୁ କହିଛନ୍ତି, 'ଏହି ସ୍ଥାନକୁ ଦେଖି ଆମ ଭିତରେ ଭିନ୍ନ ଏକ ଉନ୍ମାଦନା ସୃଷ୍ଟି ହେଉଛି, ଲାଗୁଛି ସତେ ଯେମିତି ସ୍ୱର୍ଗପୁର। ଏଭଳି ପରିବେଶରେ ସାଙ୍ଗସାଥୀଙ୍କ ସହ ସମୟ ବିତାଇବା ଏକ ନିଆରା ଅନୁଭୂତି।' ଶିଳ୍ପବିହୀନ ଗଜପତି ଜିଲାର ଅର୍ଥନୈତିକ ଏବଂ ସାମାଜିକ ଉନ୍ନତି କେବଳ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ଯ୍ୟଟନ କ୍ଷେତ୍ର ପାଇଁ ସମ୍ଭବ ହୋଇପାରିଛି। ହେଲେ ସରକାର କିମ୍ବା ପର୍ଯ୍ୟଟନ ବିଭାଗ ଏହି ପ୍ରାକୃତିକ ମନୋରମ ଗଣ୍ଡାଘରର ଯେଭଳି ଉନ୍ନତି କରିବା କଥା ତାହା ଆଜିଯାଏଁ ହୋଇପାରିନାହିଁ। ଜିଲାର ଏହି ପ୍ରମୁଖ ପର୍ଯ୍ୟଟନସ୍ଥଳୀର ଯେଉଁଭଳି ଉନ୍ନତି ହେବା କଥା ତାହା ଆଜିଯାଏଁ ହୋଇ ପାରିନଥିବାରୁ ବୁଦ୍ଧିଜୀବୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ମୋହନାରେ ପ୍ରି-କ୍ରିଶମାସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଆର.ଉଦୟଗିରି,୧୯।୧୨(ଡି.ଏନ.ଏ.)

ମୋହନା ଅଞ୍ଚଳର ସଂଖ୍ୟାଲଘୁ କର୍ମକର୍ତ୍ତାମାନେ ରବିବାର ସ୍ଥାନୀୟ ଅନୁଗ୍ରହ ପୀଠ ଠାରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲାର ସଂଖ୍ୟାଲଘୁ ଜନସାଧାରଣଙ୍କୁ ଡକାଇ ବିଶ୍ୱ ସଂଖ୍ୟାଲଘୁ ଦିବସ ବା ପ୍ରି-କ୍ରିସମାସ ପାଳନ କରିଛନ୍ତି। ଏଥିରେ ସ୍ଥାନୀୟ ଖ୍ରୀଷ୍ଟବିଶ୍ୱାସୀ ଲୋକଙ୍କ ସହ ଅଞ୍ଚଳରେ କାର୍ଯ୍ୟ କରୁଥିବା ଧର୍ମଯାଜକମାନଙ୍କ ସହ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସମାରୋହରେ ଏମ୍‌ପି ଚନ୍ଦ୍ର ଶେଖର ସାହୁ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବିଜେଡି ନେତା ଡ. ତିରୁପତି ପାଣିଗ୍ରାହୀ, ପର୍ଯ୍ୟବେକ୍ଷକ ଏମ. ଜଗଦୀଶ ରାଓ, ବ୍ଲକ ଅଧକ୍ଷ ରଞ୍ଜୀବ ଶବର, ପୂର୍ବତନ ବ୍ଲକ ଅଧକ୍ଷ ତଥା ସଂଖ୍ୟାଲଘୁ ନେତା ରାମ ଦଳବେହେରା, ଦଣ୍ଡାସି ସାହୁ, ସମାଖିକ କର୍ମୀ ଜଗବନ୍ଧୁ ଦାସ ଯୋଗ ଦେଇଥିଲେ। ବହୁ ବିଶିଷ୍ଟ ନେତା, କର୍ମୀ, ଧର୍ମଗୁରୁଙ୍କ ସମେତ ୩ ଜିଲାର ହଜାର ହଜାର ସଂଖ୍ୟାଲଘୁ ଉପସ୍ଥିତ ରହି ପ୍ରି-କ୍ରିଶମାସ ପାଳନ କରିଥିଲେ। ଉପସ୍ଥିତ ଅତିଥିମାନେ ପ୍ରଭୁ ଯୀଶୁଖ୍ରୀଷ୍ଟ ସମସ୍ତଙ୍କୁ ଶାନ୍ତିରେ ରଖନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

# ୫୪ ଅଭିଯୋଗ ଶୁଣିଲେ ଜିଲାପାଳ

**ରାଇକିଆ,୧୯।୧୨(ଡି.ଏନ୍.ଏ.)**




କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ସୋମବାର ରାଇକିଆ ବ୍ଲକ କାର୍ଯ୍ୟାଳୟଠାରେ ଲୋକଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ମୋଟ ୫୪ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥି ମଧ୍ୟରୁ ୪୭ଟି ବ୍ୟକ୍ତିଗତ ଏବଂ ୭ଟି ସାମୁହିକ ଅଭିଯୋଗ ରହିଥିଲା। ବିଶେଷକରି ପାନୀୟ ଜଳ ସମସ୍ୟା, ଭତ୍ତା, ଆବାସ ଯୋଜନା, ରାଶନ କାର୍ଡ ସମ୍ପର୍କିତ ଅଭିଯୋଗ ରହିଥିଲା। ମାଣିକେଶର ପଞ୍ଚାୟତର ଦୁର୍ଗମ ଅଞ୍ଚଳର ରାସ୍ତା ସମସ୍ୟା ସମ୍ପର୍କିତ ଅଭିଯୋଗ ମଧ ହୋଇଥିଲା। ଜିଲାପାଳଙ୍କ ସମେତ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ହର ପ୍ରସାଦ ଭୋଇ, କନ୍ଧମାଳ ଏସ୍‌ପି ଭିନିତ୍ ଅଗ୍ରୱାଲ, ବାଲିଗୁଡା ପିଏ ଆଇଟିଡିଏ ମଧୁସୂଦନ ବେହେରା, ବ୍ଲକ ଅଧକ୍ଷ ପ୍ରିତମ ଚନ୍ଦ୍ର ପ୍ରଧାନ, ତହସିଲଦାର ଅକ୍ଷୟ ପାଣି ଉଡୁ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ଜି.ଉଦୟଗିରି,୧୯।୧୨**

କଳିଙ୍ଗା ବିଦ୍ୟୁତ୍ କାର୍ଯ୍ୟାଳୟ ସବଷ୍ଟେଶନ ନିକଟରେ ସୋମବାର ସକାଳ ପ୍ରାୟ ସାଢ଼େ ୮ଟାରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଜି.ଉଦୟଗିରି ଶଙ୍ଖସାହି ବାସିନ୍ଦା ସଞ୍ଜୀବ ନାୟକ (୪୪)। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଆମ୍ବୁଲାନ୍ସରେ ପ୍ରଥମେ ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ରେଫର କରାଯାଇଛି। ସଞ୍ଜୀବ ଫୁଲବାଣୀ ଅଭିମୁଖେ ଯାଉଥିବା ବେଳେ ହଠାତ ଏକ କୁକୁର ସାମ୍ନାକୁ ଆସିଯିବାରୁ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଯକ୍ଷ୍ମାରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ

**ଶେରଗଡ଼, ୧୯।୧୨(ଡି.ଏନ୍.ଏ.):** ଶେରଗଡ଼ ବ୍ଲକର ସମସ୍ତ ଯକ୍ଷ୍ମା ପୀଡ଼ିତ ବ୍ୟକ୍ତିଙ୍କ ଦାୟିତ୍ୱ ନେଇଛି ଗୋପାଳପୁର ଟାଟା ଫାଉଣ୍ଡେଶନ। ଏକ ସର୍ଭେ ଜରିଆରେ ବର୍ତ୍ତମାନ ସୁଦ୍ଧା ୯୦ଜଣଙ୍କୁ ଚିହ୍ନଟ କରାଯାଇଛି। ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହରେ ଟାଟା ଫାଉଣ୍ଡେଶନ ପକ୍ଷରୁ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବସନ୍ତ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ତହସିଲଦାର ଦୟାସିନ୍ଧୁ ପରିଡା, ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ, ଶିଶୁ ବିକାଶ ଯୋଜନା ଅଧିକାରିଣୀ ଗୀତାଞ୍ଜଳି ରାଉଳ, ଏବିଡିଓ ମୋହନ ରାଓ ପ୍ରମୁଖ ଯୋଗଦେଇ ଯକ୍ଷ୍ମାରୋଗରୁ ମୁକ୍ତ ହେବାକୁ ହେଲେ ପୁଷ୍ଟିକର ଖାଦ୍ୟ ଖାଇବାକୁ ପଡିବ ବୋଲି କହିଥିଲେ। ଶେଷରେ ୯୦ଜଣ ଯକ୍ଷ୍ମା ରୋଗୀଙ୍କୁ ୨ ମାସର ପୁଷ୍ଟିକର ଖାଦ୍ୟରେ ହରଡ଼ ଡାଲି, ମସୁରଡାଲି, ବାଦାମ ଚନା, ମାଂସବଡ଼ି, ମୁଗ ଗୁଡ଼ ମିଶି ମୋଟ ୬.୩୦୦ଗ୍ରାମର ଏକ କିଟ୍ ପ୍ରଦାନ କରାଯାଇଥିଲା। ଟାଟା ଫାଉଣ୍ଡେଶନ ପରିଚାଳକ ଈଶ୍ୱର କୁମାର ପରିଡା, ସ୍ୱାସ୍ଥ୍ୟ ପରିଚାଳକ ନରସିଂହ ସାହୁ, ଯୋଗାଣ ଅଧିକାରୀ ବି.ସୂର୍ଯ୍ୟନାରାୟଣ ପ୍ରଧାନ ପରିଚାଳନା କରିଥିବା ବେଳେ କୃଷ୍ଣଛାଇ, ମହୁପଦର, ଧବଳପୁର ପଞ୍ଚାୟତର ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ କ୍ରୀଡ଼ା କୌଶଳ ପ୍ରଦର୍ଶନ କରୁଛନ୍ତି।

**ବୁଗୁଡ଼ା,୧୯।୧୨(ଡି.ଏନ.ଏ.)**

ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ପିପୁଲ୍ଲ ହାଇସ୍କୁଲ ମିନି ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ଦ୍ୱାରା କ୍ରୀଡା ପତାକା ଉତ୍ତୋଳନ ଏବଂ ଛାତ୍ରୀଙ୍କ ଶପଥ ଗ୍ରହଣ ପରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। କ୍ରୀଡା ଶିକ୍ଷକ ସତ୍ୟଶ୍ରୀ କୁମାର ଜେନା, ବିଶ୍ୱେଶ୍ୱର ଗିରି ଓ ଗୋପାଳ ପାତ୍ର ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ। ଅଧ୍ୟାପକ ସନାତନ ବେହେରୁକ୍, ବିଭୁତି ଭୂଷଣ ମିଶ୍ର, ଅନିଲ କୁମାର ପାଣିଗ୍ରାହୀ ଓ ଅଧ୍ୟାପିକା ନିରୁପମା ରାୟ ମହାପାତ୍ରଙ୍କ ସମେତ କଳ୍ପନା ପଣ୍ଡା, ସନ୍ତୋଷିନୀ ତ୍ରିପାଠୀ, ବିଷ୍ଣୁପ୍ରିୟା ମହାପାତ୍ର, ସନ୍ତୋଷ ଗୌଡ଼, ପବିତ୍ର ନାୟକ, ବସନ୍ତ ହୋତା, ରଞ୍ଜିତ ନାୟକ, ସରୋଜ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ହିତେନ ହତ୍ୟା ଘଟଣା, ଜଣେ ଗିରଫ

**ଭଞ୍ଜନଗର,୧୯।୧୨(ଡି.ଏନ୍.ଏ.)**

ବ୍ୟବସାୟୀ ହିତେନ ସ୍ୱାଇଁ ହତ୍ୟା ଘଟଣାରେ ଭଞ୍ଜନଗର ପୋଲିସ ସୋମବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ବାୟା ଦାସ। ହିତେନଙ୍କୁ କିନେ ଅର୍ଥ କାରବାରକୁ ନେଇ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଥିଲା। ସନ୍ଧ୍ୟାରେ ତାଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ହତ୍ୟାକାଣ୍ଡରେ ଆହୁରି କେତେଜଣ ଜଡିତ ଥିବା ଅନୁମାନ କରାଯାଉଛି। ତେଣୁ ଘଟଣାର ଅଧିକ ତଦନ୍ତ ଚଳାଇଛି ପୋଲିସ। ଧରାକୋଟ ବ୍ଲକ ଅନ୍ତର୍ଗତ ରୁଗୁପୁର ହିତେନ ଭଞ୍ଜନଗର ଷ୍ଟେଟ ବ୍ୟାଙ୍କ ଛକରେ ବ୍ୟବସାୟ କରୁଥିଲେ। ସେ ଭଞ୍ଜନଗର କେନାଲ ସାହିରେ ଭିଶୋଇ ପ୍ରଦୀପ ସାଇଁଙ୍କ ଘରେ ରହୁଥିଲେ। ଗତ ମଙ୍ଗଳବାର ରାତି ପ୍ରାୟ ୮ ଟାରେ ଭେଜିପୁରର ଜଣେ ଯୁବକ ହିତେନଙ୍କୁ ଡାକି ନେଇଥିଲେ। ସେବେଠୁ ହିତେନ ଘରକୁ ଫେରି ନଥିଲେ। ରବିବାର ସୋରଡା ଥାନା ଦାରିଙ୍ଗିବାଡ଼ି ଘାଟିରୁ ତାଙ୍କ ମୃତଦେହ ମିଳିଥିଲା।

# ୬ ବର୍ଷ ବିତିଲା, କାର୍ଯ୍ୟକ୍ଷମ ହେଲାନି ନୂଆ ବସ୍‌ଷ୍ଟାଣ୍ଡ

**ଗୋପାଳପୁର,୧୯।୧୨(ଡି.ଏନ.ଏ.)**



କାର୍ଯ୍ୟକ୍ଷମ ଅପେକ୍ଷାରେ ଗୋପାଳପୁର ନୂଆ ବସଷ୍ଟାଣ୍ଡ।

ପର୍ଯ୍ୟଟନ ମାନଚିତ୍ରରେ ଗୋପାଳପୁରର ସ୍ଥାନ ସ୍ୱତନ୍ତ୍ର। ଏଠାକୁ ବିଭିନ୍ନ ସମୟରେ ବହୁ ପର୍ଯ୍ୟଟକ ଆସିଥାନ୍ତି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ଲାଗି ୨୦୧୪ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ବ୍ରହ୍ମପୁର ଉନ୍ନୟନ ପରିଷଦ (ବିଡିଏ) ପକ୍ଷରୁ ଏହି ବସଷ୍ଟାଣ୍ଡଟି ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା। ୨୦୧୬ରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅତ୍ୟାଧୁନିକ ବସଷ୍ଟାଣ୍ଡ ଉଦଘାଟନ କରିଥିଲେ। ତେବେ ଉଦ୍‌ଘାଟନ ପରଠାରୁ ଅର୍ଥାତ୍ ଦୀର୍ଘ ୬ବର୍ଷ ପରେ ବି ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଯାହାଫଳରେ ଏଠାରେ ଯାତ୍ରୀଙ୍କ ସୁବିଧା ପାଇଁ ହୋଇଥିବା ବିଶ୍ରାମଗ୍ରାର, ପାନୀୟ ଜଳ, ହାଇମାଷ୍ଟ, ଶୌଚାଳୟ, ଟିକେଟ କାଉଣ୍ଟର ସମେତ ପୁରା ବସଷ୍ଟାଣ୍ଡ ଖତ ଖାଉଛି। ବସ୍‌ଷ୍ଟାଣ୍ଡରେ ଲାଗିଥିବା ଫ୍ୟାନ ଓ ଅନ୍ୟାନ୍ୟ ଲୁହା ସାମଗ୍ରୀ କଳଙ୍କି ଧରିଲାଣି। କେବଳ ସେତିକି ନୁହେଁ, ଏହାର ପରିସର ଅସାମାଜିକ, ମଦ୍ୟପଙ୍କ ଆଡ୍ଡାସ୍ଥଳୀ ପାଲଟିଯାଇଛି। ଉଦଘାଟନ ବେଳେ ବସଷ୍ଟାଣ୍ଡ ପରିସର ଏତେ ସୁନ୍ଦର ପରିବେଶ ଥିଲା ଯେ ପର୍ଯ୍ୟଟକମାନେ ସେଠାରେ କିଛି ସମୟ ପାଇଁ ବିଶ୍ରାମ ନେଉଥିଲେ। ବର୍ତ୍ତମାନ ଏହା ଅସାମାଜିକ ଆଡ୍ଡାସ୍ଥଳୀ ପାଲଟିଛି। ବସଷ୍ଟାଣ୍ଡ ପରିସର ମଦ ବୋତଲ, ଭଙ୍ଗା କାଚ, ଗୁଟୁଖା ଓ ଜରିରେ ଭର୍ତ୍ତି ହୋଇଛି। ଆସନ୍ତା ୨୪ରୁ ଗୋପାଳପୁର ବେଳାଭୂମି ମହୋତ୍ସବ ଆରମ୍ଭ ହେବ। ଏଥିଲାଗି ଜିଲା, ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଆସିବା ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ନୂଆ ବସଷ୍ଟାଣ୍ଡର ସ୍ଥିତିକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେବେ ଏହି ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବ, କେବେ ବସ ଗଡିବ, ସେହି ଦିନକୁ ଲୋକେ ଅପେକ୍ଷା କରିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ



କ୍ରୀଡା ମହୋତ୍ସବକୁ ଉଦଘାଟନ କରୁଛନ୍ତି ଶ୍ରମମନ୍ତ୍ରୀ।

**ପୋଲସରା,୧୯।୧୨(ଡି.ଏନ.ଏ.)**

ପୋଲସରା ବ୍ଲକ ହାତୀଓଟ ନୋଡ଼ାଲ ହାଇସ୍କୁଲ ପରିସର ମିନି ଷ୍ଟାଡିୟମରେ ସୋମବାର ଆରମ୍ଭ ହୋଇଥିବା ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବକୁ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। କ୍ରୀଡା କ୍ଷେତ୍ରରେ ରାଜ୍ୟ ସୁନାମ ଆଣିଛି ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। କ୍ରୀଡାରେ ୨୬ ପଞ୍ଚାୟତ ମଧ୍ୟରୁ ୩୩ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କ୍ରୀଡ଼ାରେ ଜୁନିୟର ଓ ସିନିୟର ମିଶି ମୋଟ ୬୮୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଭିନ୍ନ କ୍ରୀଡ଼ାରୁ ମୋଟ ୧୪୬ ଜଣ କୃତୀ ଛାତ୍ରୀଛାତ୍ର ବୁଗୁଡାଠାରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାଲାଗି ମନୋନୀତ ହୋଇଥିବା ନେଇ ହାତୀଓଟ ନୋଡ଼ାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଅତିରିକ୍ତ ବିଡ଼ିଓ ଧର୍ମରାଜ ପରିଡା, ଗୋଷ୍ଠୀ ଶିକ୍ଷାଧିକାରୀ କାଳିଚରଣ ବେହେରା, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ବ୍ଲକ ଉପାଧକ୍ଷ କାହ୍ନୁଚରଣ ପରିଡା, ବ୍ଲକ ବିଜେଡି ମହିଳା ସଭାନେତ୍ରୀଙ୍କ ସମେତ ସମସ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସମେତ ସମସ୍ତ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

# ଜାନୁୟାରୀ ସୁଦ୍ଧା ଜଳିବ ଡିଭାଇଡରରେ ଷ୍ଟ୍ରିଟ୍‌ଲାଇଟ୍

**ପୁରୁଷୋତ୍ତମପୁର,୧୯।୧୨(ଡି.ଏନ୍.ଏ.)**



ପୁରୁଷୋତ୍ତମପୁର ମୁଖ୍ୟରାସ୍ତା।

- ପୂରଣ ହେବ ପୁରୁଷୋତ୍ତମପୁରବାସୀଙ୍କ ସ୍ୱପ୍ନ
- ନିର୍ମାଣ ହେବ ନୂତନ ବସ୍‌ଷ୍ଟାଣ୍ଡ, ଖୋଲିବ ବାଇପାସ୍ ରାସ୍ତା

ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ଉଦ୍ୟମରେ ପୁରୁଷୋତ୍ତମପୁରବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଶୀଘ୍ର ପୂରଣ ହେବାକୁ ଯାଉଛି। ସହର ମୁଖ୍ୟ ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ୍ ଲଗାଇବା, ବସ୍‌ଷ୍ଟାଣ୍ଡ ନ ଥିବା ହେତୁ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ, ସହରର ପୁରୁଷୋତ୍ତମପୁର-ବ୍ରହ୍ମପୁର ରାସ୍ତାର କାଳୀମନ୍ଦିର ଛକଠାରୁ ପାଣ୍ଡିଆ ଛକ ପର୍ଯ୍ୟନ୍ତ ରାସ୍ତାରେ ବିଭିନ୍ନ ସାହି ବସ୍ତି ରହିବା ସହ ରାସ୍ତା ସଂକୀର୍ଣ୍ଣ ଥିବାରୁ ପାଣ୍ଡିଆ ଛକଠାରୁ ସ୍ୱପ୍ନେଶ୍ୱର ମନ୍ଦିର ଛକକୁ ଏକ ବାଇପାସ୍ ରାସ୍ତା ଖୋଲିବା ଲାଗି ଦୀର୍ଘଦିନ ହେଲା ସହରବାସୀ ଦାବି କରିଆସୁଥିଲେ। ଖଲ୍ଲିକୋଟ ବିଧାୟିକା ଉଦ୍ୟମ କରି ଜନସାଧାରଣଙ୍କ ଏହି ସମସ୍ୟାର ସମାଧାନ କରିବାରେ ଲାଗିପଡ଼ି ଶନିବାର ରାଜ୍ୟ ସରକାରଙ୍କ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ସମେତ ରାଜସ୍ୱ ବିଭାଗ, ପରିବହନ ବିଭାଗ, ପୂର୍ତ୍ତ ବିଭାଗକୁ ଯାଇ ଦାବିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆଲୋଚନା କରିଛନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ଗ୍ରୀନ୍ ସିଗ୍‌ନାଲ ମିଳିଥିବା ହେତୁ ଜନସାଧାରଣଙ୍କ ସ୍ୱପ୍ନ ପୂରଣ ହେବା ଏକପ୍ରକାର ସ୍ପଷ୍ଟ ହୋଇଛି। ସହର ମଧ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ଆସିକା-ହୁମ୍ମା ମୁଖ୍ୟରାସ୍ତାର କୁମାରୀଠାରୁ ସ୍ୱପ୍ନେଶ୍ୱର ମନ୍ଦିର ଛକ ଯାଏ ପ୍ରାୟ ଦୁଇ କିମିବିଶିଷ୍ଟ ରାସ୍ତା ଚାରିଥାକିଆ ନିର୍ମାଣ ହେବାର ପ୍ରାୟ ଦୁଇ ବର୍ଷ ବିତିଥିଲେ ସୁଦ୍ଧା ରାସ୍ତା ମଝିରେ ଥିବା ଡିଭାଇଡରରେ ଷ୍ଟ୍ରିଟ୍‌ଲାଇଟ୍ ଲାଗି ନ ଥିବା ହେତୁ ସହରଟି ଅନ୍ଧକାର ମଧ୍ୟରେ ରହିବା ସହ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାକୁ ନେଇ ଜନସାଧାରଣଙ୍କ ଅସନ୍ତୋଷ ଓ ଅଭିଯୋଗକୁ ଗୁରୁତ୍ୱ ଦେଇ ଖଲ୍ଲିକୋଟ ବିଧାୟିକା ମୁଖ୍ୟ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଏହାକୁ ନେଇ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ ଜାନୁୟାରୀ ସୁଦ୍ଧା ପ୍ରାୟ ୭୦ ଲକ୍ଷ ଟଙ୍କା ବ୍ୟୟରେ ୧୭୪ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଲାଗି ପ୍ରତିଶ୍ରୁତି ଦେଇ ଏଥିଲାଗି ଏନ୍‌ଏସି ପକ୍ଷରୁ ଟାଟା ପାୱାରଠାରୁ ବିଦ୍ୟୁତ୍‌ର ପର୍ମିଶନ ଆଣିବା ଲାଗି କହିଛନ୍ତି। ସେହିପରି ପାଣ୍ଡିଆ ଛକଠାରୁ ସ୍ୱପ୍ନେଶ୍ୱର ମନ୍ଦିର ଛକ ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ନିର୍ମାଣ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ଏହାର ସର୍ଭେ ଆରମ୍ଭ କରି ଜମି ଅଧିଗ୍ରହଣ ଲାଗି ପଦକ୍ଷେପ ନିଆଯିବାର ଯନ୍ତ୍ରୀ କହିଛନ୍ତି। ଦଳିବିଲିଠାରେ ୨ ଏକର ୫୦୦ ଡିସିମିଲ ଜମିରେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ପରିବହନ ବିଭାଗ ମନ୍ତ୍ରୀ, ସଚିବ ଓ ପୁରୁଷୋତ୍ତମପୁର ଏବଂ ଖଲ୍ଲିକୋଟ ବ୍ଲକ, ଏନ୍‌ଏସି ଅଞ୍ଚଳର ଜନସାଧାରଣ ଓ ଚାଷୀଙ୍କ ଲାଗି ବିଦ୍ୟୁତ୍ ସମସ୍ୟାର ସମାଧାନ ସହ ଚାଷଜମିକୁ ଜଳଯୋଗାଣ ଲାଗି ବିଦ୍ୟୁତ୍ ବ୍ୟବସ୍ଥା ପ୍ରତି ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅଧିକାରୀଙ୍କ ସହ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଗୁରୁତର ଭାବେ ଆଲୋଚନା କରିଛନ୍ତି। ଖଲ୍ଲିକୋଟ ରେଳ ଓଭରବ୍ରିଜ ନିର୍ମାଣ ଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏହିସବୁ କାର୍ଯ୍ୟ ତୁରନ୍ତ କରିବା ଲାଗି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୨୦ ଡିସେମ୍ବର, ୨୦୨୨



## ମହିଳାଙ୍କ ମୃତ୍ୟୁ, ଶାଶୁଘର ବିରୋଧରେ ଅଭିଯୋଗ

ହିଞ୍ଜିଳିକାଟୁ,(ଡି.ଏନ୍.ଏ.)- ହିଞ୍ଜିଳି ଥାନା ଅନ୍ତର୍ଗତ ରାଳବ ଗ୍ରାମର ଜଣେ ମହିଳାଙ୍କ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ସୁଦସ୍ମା ପରିଡ଼ା (୨୪)। ଶାଶୁଘର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘରେ ପାଟିତୁଣ୍ଡରୁ ଚୁନି ବାନ୍ଧି ସୁଦସ୍ମା ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ସୁଦସ୍ମାଙ୍କ ମା' କୋଦଳା ଥାନା ବି. ନୁଆପଲି ଗାଁର ବାସନ୍ତୀ ପରିଡା ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅ ସୁଦସ୍ମାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇ ହତ୍ୟା କରିଛନ୍ତି। ତାଙ୍କ ଅଭିଯୋଗ କ୍ରମେ ଥାନାରେ ନଂ ୭୧୧/୨୨ରେ ମାମଲା ରୁଜୁ ହୋଇଛି। ମୃତଦେହକୁ ପୋଲିସ ଜବତ କରିଛି। ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ ପଠାଯିବ। ପୋଲିସ ମୃତା ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି ।

## ସଂକ୍ଷେପରେ

### ଗଜପତିରେ ନୂତନ ଏସ୍‌ପି ନିଯୁକ୍ତ



ପାରଳାଖେମୁଣ୍ଡି, ୧୯।୧୨ (ଡି.ଏନ୍.ଏ)- ଗଜପତି ଜିଲାର ନୂତନ ଏସ୍‌ପି ଭାବେ ନିଯୁକ୍ତ ହୋଇଛନ୍ତି ସ୍ୱାତି ଏସ୍ କୁମାର। ସୋମବାର ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବର୍ତ୍ତମାନ ସେ ଅନୁଗୁଳ ଜିଲା ତାଳଚେର ଏସ୍‌ଡିପିଓ ଭାବେ କାର୍ଯ୍ୟରତ ଅଛନ୍ତି। ସେ ୨୦୧୭ ବ୍ୟାଚର ଆଇପିଏସ୍। ଦୀର୍ଘ ଏକ ମାସ ଧରି ପୂର୍ବତନ ଏସ୍‌ପି ଜୟରାମ ଶତପଥୀଙ୍କ ଅବସର ପରେ ଏହି ପଦବୀ ଖାଲି ପଡ଼ିଥିଲା।

### ସ୍କୁଲ ତାଲା ଭାଙ୍ଗି ଚୋରି

ଆସିକା,୧୯।୧୨(ଡି.ଏନ୍.ଏ.)- ଆସିକା ଥାନା ଅନ୍ତର୍ଗତ ଚିନିଶିଳ୍ପ ନୂଆଗାଁ ଗ୍ରାମରେ ଥିବା ସୁଗାର ଇଣ୍ଡଷ୍ଟ୍ରି ହାଇସ୍କୁଲର ତାଲା ଭାଙ୍ଗି ରବିବାର ରାତିରେ ଦୁର୍ବୃତ୍ତ ୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଦୁର୍ବୃତ୍ତ ଅଫିସରେ ପଶି ଆଲମିରା ତାଲା ଭାଙ୍ଗି ମଧ୍ୟାହ୍ନ ଭୋଜନ ଲାଗି ଥିବା ୫ ହଜାର ଟଙ୍କା ନେଇଯିବା ସହ ଅଫିସ କାଗଜ ପତ୍ର ଫିଙ୍ଗା ଫୋପଡା କରିଛନ୍ତି। ସୋମବାର ସ୍କୁଲ ଖୋଲିବା ପରେ ଏହା ଜଣାପଡ଼ିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ଦାଶ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ଦୁଇଦିନିଆ କନ୍ଧମାଳ ଗସ୍ତରେ ଶ୍ରମମନ୍ତ୍ରୀ

ଫୁଲବାଣୀ ଅଫିସ, ୧୯।୧୨- କନ୍ଧମାଳ ଜିଲାକୁ ଦୁଇ ଦିନିଆ ଗସ୍ତରେ ଆସିଛନ୍ତି ରାଜ୍ୟ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ। ସୋମବାର ରାତି ସାଢ଼େ ୮ଟାରେ ଫୁଲବାଣୀ ସର୍କିଟ ହାଉସରେ ପହଞ୍ଚିବା ପରେ ଦଳୀୟ ନେତା ଓ କର୍ମୀମାନେ ସ୍ୱାଗତ କରିଥିଲେ। ଏହାପରେ ମନ୍ତ୍ରୀ ସେମାନଙ୍କ ସହ ଆଲୋଚନା କରିଥିଲେ। ମଙ୍ଗଳବାର ସେ ଜିଲା ଯୋଜନା ବୋର୍ଡ ବୈଠକରେ ଯୋଗଦେବେ। ସ୍ଥାନୀୟ ସର୍କିଟ ହାଉସରେ ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ମହିଳା ବିଜେଡି ସଭାନେତ୍ରୀ ପୁନମ କହଁର, ଖଜୁରିପଡା ବ୍ଲକ ଅଧକ୍ଷା ଅନିମା କହଁରଙ୍କ ସମେତ ନଗର ଯୁବ ସଭାପତି ପାର୍ଥସାରଥୀ ବିଶ୍ୱାଳ, ଛାତ୍ର ବିଜେଡି ସଭପତି ସୁନିଲ ସେଠି, ଯୁବ ଜିଲା ଉପସଭାପତି ଧନଞ୍ଜୟ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଷ୍ଟ୍ରବେରି ଚାଷ ଅଗ୍ରଗତି ଦେଖିଲେ ଜିଲାପାଳ

ରାଇକିଆ,୧୯।୧୨(ଡି.ଏନ.ଏ.)- କନ୍ଧମାଳ ଜିଲା ରାଇକିଆ ବ୍ଲକରେ ପ୍ରଥମ ଥର ପାଇଁ ଷ୍ଟ୍ରବେରି ଚାଷ ଆରମ୍ଭ ହୋଇଛି । ଗତ ମାସଠାରୁ ଜିଲାର ୪ଟି ବ୍ଲକରେ ଏହି ଚାଷ ଆରମ୍ଭ କରାଯାଇଛି। ରାଇକିଆ ବ୍ଲକ ମାଣିକେଶ୍ୱର ପଞ୍ଚାୟତ ବରେପାଙ୍ଗା ଗ୍ରାମରେ ଦୁଇଟି ସ୍ୱୟଂ ସହାୟିକା ଗୋଷ୍ଠୀ ଆଶୀର୍ବାଦ ଏଂ ମା ଦୁର୍ଗା ଗ୍ରୁପର ୨୦ ଜଣ ସଦସ୍ୟଙ୍କ ଦ୍ୱାରା ଏହି ଚାଷ ଆରମ୍ଭ କରାଯାଇଥିଲା । ସୋମବାର କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲ ରାଇକିଆ ଅରସିଥିବା ବେଳେ ସହ ବିଭିନ୍ନ ବିଭାଗର ଜିଲା ଅଧିକାରୀମାନଙ୍କ ସହ ମିଶି ଷ୍ଟ୍ରାବେରୀ ଚାଷ ବୁଲି ଦେଖିବା ସହ ଏହାର ଅଗ୍ରଗତି ଲାଗି ବିଭିନ୍ନ ପରାମର୍ଶ ଦେଇଛନ୍ତି। ଏଥିସହ ଚାଷ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ପାଖାପାଖି ଦୁଇ ଏକର ଜମିରେ ୨୦,୦୦୦ ଚାରାରୋପଣ କରାଯାଉଛି । ଓଡିଶା ଜୀବିକା ମିଶନ, ଉଦ୍ୟାନ ବିଭାଗ, ଜଳ ବିଭାଜିକା ତରଫରୁ ମିଳିତ ସହଯୋଗରେ ଏହି ପାଇଲଟ ପ୍ରୋଜେକ୍ଟକୁ କାର୍ଯ୍ୟକାରୀ କରଯାଇଛି ।

### ପାଚିକା ସହାୟିକା ସଂଘର ଧାରଣା

କାଶୀନଗର,୧୯।୧୨-ଦାବି ଉପସ୍ଥାପନ ସକାଶେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ବ୍ଲକ ଓ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସଂଘର ସଭାନେତ୍ରୀ ସୁଶୀଳା ମହାରଣା ଓ ସମ୍ପାଦିକା ନିଆଳିଲତା ମହାପାତ୍ର ଗଣମାଧ୍ୟମକୁ ଜଣାଇଛନ୍ତି ଯେ ଉକ୍ତ ଧାରଣା ତିନି ଦିନ ଧରି ଚାଲିବ। ଆଗରୁ ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ଗଜପତି ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ମାସିକ ପାରିଶ୍ରମିକ ୧୦ ହଜାର ଟଙ୍କା, ଇପିଏଫ ଓ ବୀମା ସୁବିଧା ପ୍ରଦାନ, କର୍ତ୍ତବ୍ୟରତ ଅବସ୍ଥାରେ ମୃତ୍ୟୁ ଘଟିଲେ ୫ ଲକ୍ଷ କ୍ଷତିପୂରଣ, ୬୫ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାର ସୁଯୋଗ ଦେବା, ଚାକିରିକୁ ସ୍ଥାୟୀ କରିବା ପ୍ରଭୃତି ଦାବି ରହିଛି। ସଂଘର ଦାବିଗୁଡିକ ସମର୍ଥନ ଜଣାଇ କାଶୀନଗର ବ୍ଲକ ଓ ଏନଏସି ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର କହିଛନ୍ତି ଯେ ତୃଣମୂଳସ୍ତରର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ପାଚିକା ସହାୟିକାମାନଙ୍କ ଦାବି ଉପରେ ସରକାର ସହୃଦୟରେ ସହ ବିଚାର କରି ଅନୁକୂଳ ପଦକ୍ଷେପ ନେବା ଉଚିତ।

# ଧର୍ମାନ୍ତରୀକରଣକୁ ନେଇ ଉତ୍ତେଜନା

ଫୁଲବାଣୀ ଅଫିସ, ୧୯।୧୨

କନ୍ଧମାଳ ଜିଲା ଫୁଲବାଣୀ ସହର ଚିତ୍ରକୁଟ ସାହିରେ ଧର୍ମାନ୍ତରୀକରଣକୁ ନେଇ ସୋମବାର ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି । ସାହିରେ ଏକ ନିର୍ଦ୍ଦିଷ୍ଟ ଧର୍ମ ନେଇଥିବା ୩ଟି ପରିବାର ଅନ୍ୟ ପରିବାରକୁ ଜାଣିଶୁଣି ହଇରାଣ କରୁଛନ୍ତି । ଏପରିକି ପ୍ରତ୍ୟେକ ଦିନ ସାହିରେ ଶାନ୍ତି ଭଙ୍ଗ କରୁଛନ୍ତି । ବିଶେଷ କରି ହିନ୍ଦୁ ଧର୍ମର ପର୍ବପର୍ବାଣୀ ବେଳେ ଜାଣିଶୁଣି ହଇରାଣ ହରକତ କରାଯାଉଛି । ନିର୍ଦ୍ଦିଷ୍ଟ ଧର୍ମ ଗ୍ରହଣ କରିଥିବା ଜଣେ ବ୍ୟକ୍ତିଙ୍କ ଘରେ ଦେଢ଼ଶହରୁ ଉର୍ଦ୍ଧ୍ୱ ସେହି ସମ୍ପ୍ରଦାୟର ବ୍ୟକ୍ତିମାନେ ଆସି ମାଇକ ଲଗାଇ ପ୍ରାର୍ଥନା କରିବା ସହ ନାଚଗୀତ କରୁଛନ୍ତି । ଏହାକୁ ନେଇ ସାହିର ଜଣେ ମହିଳା ଫୁଲବାଣୀ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

ଚିତ୍ରକୂଟ ସାହିରେ ପ୍ରତିଭା ବେହେରାଙ୍କ ଘର ରହିଛି । ତାଙ୍କ ସ୍ୱାମୀ ବାହାରେ ଚାକିରି କରୁଛନ୍ତି । ସେ ନିଜ ଦୁଇ ପିଲାଙ୍କୁ ଧରି ଘରେ ରୁହନ୍ତି । ପ୍ରତିଭାଙ୍କ ଘର ପାଖରେ ସେହି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଜଣେ ବ୍ୟକ୍ତିଙ୍କ ଘର । ସେମାନେ ଏବେ ସାହିରେ ଅନ୍ୟ ଲୋକଙ୍କୁ ହିନ୍ଦୁ ଧର୍ମ ବିରୋଧରେ କହିବା ସହ ଛୋଟ ଛୋଟ ପିଲାଙ୍କୁ ସେମାନେ ନେଇଥିବା ଧର୍ମ ଗ୍ରହଣ କରିବାକୁ ପ୍ରବର୍ତ୍ତାଉଛନ୍ତି, ଯାହାକୁ ନେଇ ସାହିରେ କିଛି ଦିନ ହେବ ଉତ୍ତେଜନା ପରିସ୍ଥିତି ଲାଗି ରହିଛି । ତାଙ୍କର ୮ ବର୍ଷର ଝିଅକୁ ବାରମ୍ବାର ଏଭଳି କହି ଉସକାଉଥିବା ପ୍ରତିଭା ଅଭିଯୋଗ କରିଛନ୍ତି। ପିଲାମାନେ ପାଠ ପଢ଼ିପାରୁନାହାନ୍ତି। ନଳକୂପରୁ ପାଣି ନେବାକୁ ମଧ୍ୟ ବାରଣ କରୁଥିବା ପ୍ରତିଭା ଏତଲାରେ ଉଲ୍ଲେଖ କରିଛନ୍ତି । ପୋଲିସ ଉଭୟପକ୍ଷଙ୍କୁ ଡାକି ଆପୋଷ ବୁଝାମଣା କରିଥିବା ଜଣାପଡ଼ିଛି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ




କ୍ରୀଡା ପତାକା ଉତ୍ତୋଳନ କରାଯାଉଛି ।

ଦାରିଙ୍ଗବାଡି,୧୯।୧୨(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡି ଡ. ଭୀମାରାଓ ଆମ୍ବେଦକର ଜାତୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ଏହା ୩ ଦିନ ଧରି ଚାଲିବ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ସରପଞ୍ଚ ସୁଶ୍ରୀ ଚନ୍ଦ୍ରିକା ମଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ବେହେରା ଓ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ ମଞ୍ଚାସୀନ ଥିଲେ। କ୍ରୀଡା ଅଧ୍ୟାପକ ରଶ୍ମିରଞ୍ଜନ ତ୍ରିପାଠୀ ସମସ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରଥମ ଦିନରେ ଛାତ୍ରୀଛାତ୍ରମାନଙ୍କ ୧ଶହ ମିଟର ଦୌଡ଼, ସଟପୁଟ, ଲମ୍ୱା ଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା।

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲା ଭାଜପା

ବେଗୁନିଆପଡ଼ା,୧୯।୧୨

କେନ୍ଦ୍ରୀୟ ଯୋଜନା ବାଟମାରଣା ଏବଂ ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ସୋମବାର ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ବୁରୁଝୁରୀ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛି ଭାରତୀୟ ଜନତା ପାର୍ଟି। କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର କୃଷକ ମୋର୍ଚ୍ଚା ରାଜ୍ୟ ଭାଜପା ପରିଷଦ ସଦସ୍ୟ ପ୍ରତାପ ନାୟକଙ୍କ ନେତୃତ୍ୱରେ ଭାଜପା କାର୍ଯ୍ୟକର୍ତ୍ତା, ଦଳୀୟ ପଦାଧିକାରୀ ଓ ସାଧାରଣ ଜନତା ଏହି ଘେରାଉରେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ପଞ୍ଚାୟତରେ ତୁରନ୍ତ ଧାନମଣ୍ଡି ଖୋଲାଯିବା ସହ ଏହାର ପରିଚାଳନା ସାଙ୍ଗକୁ ଉପଯୁକ୍ତ ମୂଲ୍ୟରେ ଧାନ କ୍ରୟ କରିବାକୁ ଦାବି କରାଯାଇଛି। ପାନୀୟ ଜଳର ସମସ୍ୟାକୁ ସମାଧାନ କରିବା ପାଇଁ ପ୍ରତି ଘରେ ଘରେ ଜଳ ଯୋଗାଣ, ରାସନ କାର୍ଡର ଅନିୟମିତତା, ସଠିକ୍ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ, କିଷାନ ସମ୍ମାନ ନିଧି ଯୋଜନାରେ ଚାଷୀମାନଙ୍କ ନାମ ପଞ୍ଜୀକରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ଚୟନ, ଡ୍ରେନ ପୁନରୁଦ୍ଧାର ସହ ନୂତନ ଡ୍ରେନ ନିର୍ମାଣ, ପି ନୂଆଁଗାଁ ଠାରୁ ହରିଜନ ସାହି ରାସ୍ତାର ମରାମତି, ଉଠା ଜଳସେଚନ ପ୍ରଦାନ ଓ ପଞ୍ଚାୟତରେ ଏକ କଲ୍ୟାଣ ମଣ୍ଡପ ଦାବି ଭଳି ୧୨ ଦଫା ଦାବି ନେଇ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏନେଇ ଏକ ଦାବି ପତ୍ର ପଞ୍ଚାୟତ ପିଇଓଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ବେଗୁନିଆପଡ଼ା ବ୍ଲକ ଓ କବିସୂର୍ଯ୍ୟନଗର ବ୍ଲକର ପ୍ରତି ପଞ୍ଚାୟତରେ ଏଭଳି ଆନ୍ଦୋଳନ କରାଯିବ ବୋଲି ଭାଜପା ନେତା ନାୟକ କହିଛନ୍ତି।



ଭାଜପାର ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ ।

## ବୃକ୍ଷର ସୁରକ୍ଷା ପାଇଁ ଛାତ୍ରୀଛାତ୍ର ଶପଥ ନେଲେ

ଭଞ୍ଜନଗର,୧୯।୧୨(ଡି.ଏନ.ଏ)- ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ରମାନେ ସୋମବାର ବୃକ୍ଷର ସୁରକ୍ଷା ପାଇଁ ଶପଥ ନେଇଛନ୍ତି। ଶେଷବର୍ଷ ଛାତ୍ରୀଛାତ୍ରମାନେ ନୂତନ ଛାତ୍ରୀଛାତ୍ରଙ୍କୁ ଚାରା ଉପହାର ଦେଇ ବୃକ୍ଷର ସୁରକ୍ଷା ପାଇଁ ଆହ୍ୱାନ କରିଥିଲେ। ପାଠପଢ଼ା ସମୟରେ କେବଳ ମାର୍କ ପଛରେ ନଗୋଡ଼ାଇ ଏଭଳି କିଛି କାମ କରିବାକୁ ପଡ଼ିବ ଯାହା ସମାଜର ମଙ୍ଗଳ ହେବାସହ ନିଜର ଭବିଷ୍ୟତ ଗଢ଼ିବାରେ ସହାୟକ ହୋଇପାରିବ ବୋଲି କହିଥିଲେ। ବୈଠକରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁନିତା ରାଣୀ ଖଣ୍ଡୁଆଳ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସାତ୍ୟକୀ ସାହୁ, ଷ୍ଟାଫ୍ କାଉନ୍‌ସିଲ ସମ୍ପାଦିକା ପ୍ରାଧ୍ୟାପିକା ଆରତୀବାଳା ପ୍ରଧାନ, ଶୈକ୍ଷିକ ପରିଷଦର ଆବାହକ ପ୍ରାଧ୍ୟାପକ ବିଭାସ ଦାସ, ଅଧ୍ୟାପକ ରଜତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ପ୍ରତ୍ୟୁଷ କାର୍ଜି ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ରାଜୀବ ଗାନ୍ଧୀ ସଙ୍ଗଠନର ସଂଯୋଜକ ଚୟନ

ଭଞ୍ଜନଗର,୧୯।୧୨(ଡି.ଏନ୍.ଏ.)

'ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଙ୍ଗଠନ'ର ଗଞ୍ଜାମ ଜିଲା ବ୍ରହ୍ମପୁର ସଂସଦୀୟ ଓ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ସଂଯୋଜକ ଭାବେ ଯୁବ କଂଗ୍ରେସ ନେତା ଜବାହରଲାଲ ସାହୁଙ୍କୁ ମନୋନୀତ କରାଯାଇଛି। ତାଙ୍କ ଘର ଭଞ୍ଜନଗର ବ୍ଲକ ଦୋମୁହାଁଣି ଗ୍ରାମରେ। ଜବାହାରଲାଲ ଏନେଇ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ୍ୟ ସଂଗଠନ ଅଧ୍ୟକ୍ଷ ସୁଦର୍ଶନ ଦାସ ଓ ବିସ୍ମୟ ମହାପାତ୍ରଙ୍କୁ ଧନ୍ୟବାଦ ଦେଇଛନ୍ତି।

## ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

### ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ଫୁଲବାଣୀ ଅଫିସ, ୧୯।୧୨

ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ସୋମବାର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏହିଅବସରରେ 'ଜାତୀୟ ଏକତା ଓ ସଂହତି ପ୍ରତି ଥିବା ପ୍ରତିବନ୍ଧକ ଓ ଆହ୍ୱାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦେଶ ପ୍ରଗତିରେ ଜାତି ଭେଦ, ସମ୍ପ୍ରଦାୟ, ଆଂଚଳିକ ଭେଦଭାବ ପ୍ରତିବନ୍ଧକ । ଦେଶ ଆଗେଇବାକୁ ହେଲେ ସମସ୍ତେ ଜାତୀୟ ଏକତା ଉପରେ ଧ୍ୟାନ ଦେବାକୁ ପଡିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଦର୍ଶନଶାସ୍ତ୍ର ବିଭାଗୀୟ ମୁଖ୍ୟ ମୁରଲୀଧର ସେଠି ଯୋଗଦେଇ ବକ୍ତବ୍ୟ ରଖିଥିଲେ । ବିଭାଗୀୟ ଅଧ୍ୟାପକ ଦୁଷ୍ମନ୍ତ ମାଝୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ରାଜେଶ ବାରିକ, ଚନ୍ଦନ କୁମାର ସାହୁ ଛାତ୍ରୀଛାତ୍ର ମାନଙ୍କୁ ଜାତୀୟ ସଂହତି ଓ ଏକତା ପ୍ରତି ଥିବା ପ୍ରତିବନ୍ଧକ ଓ ଆହ୍ୱାନ ବିଷୟରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଆଲୋଚନା କରିଥିଲେ। ଅଧ୍ୟାପିକା ସଙ୍ଗୀତା ମଳିକ, ଅନୁ ଅଗ୍ରୱାଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜୋନାଲସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

ଗୋପାଳପୁର,୧୯।୧୨(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନସ୍ଥ କନିଷି ହାଟସ୍ଥିତ ବାଲାଜୀ ବିଦ୍ୟାପୀଠ ଖେଳପଡ଼ିଆରେ ସୋମବାର ଜୋନାଲ ସ୍ତରୀୟ କ୍ରୀଡ଼ା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ବିଇଓ ଶାନ୍ତିଲତା ମୁନୀ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ କନିଷି ତହସିଲଦାର ପ୍ରଳୟାନନ୍ଦ ଶତପଥୀ, ସରକାରୀ ଉଚ୍ଚ ବିଦ୍ୟାଳୟ ମେଡ଼ିକାଲ କ୍ୟାମ୍ପସର ପ୍ରଧାନ ଶିକ୍ଷୟତ୍ରୀ ଡ଼.ପ୍ରଭାତୀ ମହାପାତ୍ର ଓ ପାତ୍ରପୁର ବିଇଓ ଲୋକନାଥ ପାଢ଼ୀ ଯୋଗଦେଇଥିଲେ। ପାତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକର ୮୪ ଜଣ ଲେଖାଏଁ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ କ୍ରୀଡ଼ା ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନେ ଜାନୁଆରୀ ୨ ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ବିଇଓ ଶାନ୍ତିଲତା ସୂଚନା ଦେଇଛନ୍ତି। ଏହି ଅବସରରେ ଏବିଇଓ ଜଗନ୍ନାଥ ଭୁୟାଁ, ଚନ୍ଦ୍ରକାନ୍ତି ନାୟକ, ରତ୍ନମାଳା ମିଶ୍ର, ପ୍ରକାଶ ଚନ୍ଦ୍ର ସାବତ, ସୁଧାଂଶୁ ଦଳାଇ, ଲିଙ୍ଗରାଜ ସ୍ୱାଇଁ, ବିଭିନ୍ନ ସ୍କୁଲର ପିଇଟି ଶିକ୍ଷୟତ୍ରୀ ଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଘୁମୁସର ଜିଲା ଘୋଷଣା ଲାଗି ଦାବିପତ୍ର ପ୍ରଦାନ

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଭଞ୍ଜନଗର,୧୯।୧୨(ଡି.ଏନ୍.ଏ.)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମୋଟ ୧୯୭ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ସମୟରେ ବରିଷ୍ଠ ନାଗରିକ ମଞ୍ଚ, ବାଉଁଶଲୁଣ୍ଡି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଯୁବକ ସଂଘ ପକ୍ଷରୁ ଘୁମୁସର ଜିଲା ଘୋଷଣା ଲାଗି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ଭଞ୍ଜନଗର ଏସଡ଼ିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ସୀତାଂଶୁ କୁମାର ଶତପଥୀ, ଜିଲା ମଙ୍ଗଳ ଅଧିକାରୀ ପରୀକ୍ଷିତ ଦାଶ, ଭଞ୍ଜନଗର ସହାୟକ ଜିଲାପାଳ ସୁନନ୍ଦ ଶେଖର ସାହାଣୀ, ଅଞ୍ଜଳୀ ମାଝୀ, ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଯାନୀ, ଅତିରିକ୍ତ ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ଭଞ୍ଜନଗର ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।

# ହତ୍ୟା ମାମଲାରେ ୩ ଗିରଫ

ଆସିକା,୧୯।୧୨(ଡି.ଏନ୍.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ ବଡ ବୋରସିଙ୍ଗି-ଖାରିଗୁଡା ରାସ୍ତାରେ ଗତ ମଙ୍ଗଳବାର ରାତିରେ କାଳିଆଗୁଡା ଗ୍ରାମର ଅମର ରାଉତଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ଏହି ମାମଲାର ୩ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ସୌମ୍ୟରଞ୍ଜନ ମହାପାତ୍ର ଓରଫ ରାଜା, ସୁରେଶ କୁମାର ଭୋଳ ଓରଫ ମୁନା ଓ ଦୀପକ କୁମାର ପ୍ରଧାନ ଓରଫ ପିଣ୍ଟୁ । ଅଭିଯୁକ୍ତମାନେ ବଡବୋରସିଙ୍ଗି ଗ୍ରାମର ବୋଲି ଜଣାପଡିଛି । ହତ୍ୟାକାଣ୍ଡରେ ବ୍ୟବହୃତ ଦୁଇଟି ବାଇକ ଜବତ କରାଯାଇଛି । ଏହି ମାମଲାରେ ଆଉ ପ୍ରାୟ ୭ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ ଲାଗି ପୋଲିସ ଉଦ୍ୟମ ଜାରି ରହିଛି । ଅପରାହ୍ନରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି ।

ସୂଚନାଯୋଗ୍ୟ, ଗତ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଅମର ତାଙ୍କର ଜଣେ ସହଯୋଗୀ ଶିବରାମଙ୍କ ସହ ଘରେ ବସି କଥା ହେଉଥିବା ବେଳେ ଅଭିଯୁକ୍ତ ସୌମ୍ୟ ଓ କେତେଜଣ ମିଶି ଅମରଙ୍କୁ ଘରୁ ଡାକି ନେଇଥିଲେ । ଅମରଙ୍କ ସହ ଶିବରାମ ମଧ୍ୟ ସାଥିରେ ଯାଇଥିଲେ। ତେବେ ଦୀର୍ଘସମୟ ଧରି ଉଭୟେ ଘରକୁ ଫେରିନଥିବା ଓ ସେମାନଙ୍କ ମୋବାଇଲ ସୁଇଚ ଅଫ ଥିବାରୁ ପରିବାର ପକ୍ଷରୁ ନାନା ଆଶଙ୍କା କରାଯାଇଥିଲା । କୌଣସି ସୂତ୍ରରୁ ଖବର ପାଇ ପରିବାରଲୋକ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଅମର ଓ ଶିବରାମ ମୁମୂର୍ଷ ଅବସ୍ଥାରେ ରାସ୍ତାରେ ପଡିଥିବା ଦେଖିଥିଲେ । ତୁରନ୍ତ ସେମାନଙ୍କୁ ଭଂଜନଗର ଡାକ୍ତରଖାନା ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅମରଙ୍କ ମୃତ୍ୟୁ ଘଟିଥିଲା । ଶିବରାମଙ୍କୁ ଅଧିକ ଚିକିତ୍ସା ଲାଗି ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା । ଅମରଙ୍କ ବାପା ଡାକ୍ତର ରାଉତଙ୍କ ଅଭିଯୋଗ ପ୍ରକାରେ ଗାଙ୍ଗପୁର ଥାନାରେ ୬୦୬/୨୨ରେ ହତ୍ୟା ମାମଲା ରୁଜୁ ହୋଇଛି।

# ଆଖୁର ସର୍ବନିମ୍ନ ସହାୟକ ମୂଲ୍ୟ ୩୫୦ ହେଉ

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲା ଭାରତୀୟ ଆଖୁ ଚାଷୀ ସଂଘ

ଭଞ୍ଜନଗର,୧୯।୧୨(ଡି.ଏନ୍.ଏ)

ସର୍ବ ଭାରତୀୟ ଆଖୁ ଚାଷୀ ମହାସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଏବଂ କେନ୍ଦ୍ର ସାର ଓ ରସାୟନ ରାଷ୍ଟ୍ରମନ୍ତ୍ରୀ ଭଗବନ୍ତ ଖୁବାଙ୍କୁ ଭେଟି ଆଖୁର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୩୫୦ଟଙ୍କାକୁ ବୃଦ୍ଧି ଓ ଆଖୁ ଫସଲକୁ ବୀମା ଭୁକ୍ତ କରାଯାଉ ବୋଲି ଦାବି କରାଯାଇଛି। ତେବେ ୧୭ଜଣିଆ ପ୍ରତିନିଧି ଦଳରେ ଓଡ଼ିଶାରୁ ରାଷ୍ଟ୍ରୀୟ କିଷାନ ମୋର୍ଚ୍ଚାର ରାଜ୍ୟ ପ୍ରବକ୍ତା ତଥା ଗଞ୍ଜାମ ଜିଲା ସଭାପତି ସ୍ୱସ୍ତି ସୁନ୍ଦର ସିଂ ଯୋଗଦେଇଥିଲେ। ମଙ୍ଗଳବାର କେନ୍ଦ୍ର ଖାଦ୍ୟ ଓ ପ୍ରକ୍ରିୟାକରଣ ମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ମଧ୍ୟ ମହାସଂଘ କର୍ମକର୍ତ୍ତା ଭେଟି ଆଖୁ ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି କହିଛନ୍ତି।

ଓଡ଼ିଶାରେ ବର୍ଷକୁ ବର୍ଷ ଆଖୁ ଉତ୍ପାଦନ କମିବାରେ ଲାଗିଛି। ରାଜ୍ୟରେ ଥିବା ୮ଟି ଚିନି କାରଖାନା ମଧ୍ୟରୁ ୬ଟି ବର୍ତ୍ତମାନ ବନ୍ଦ ହୋଇଗଲାଣି। ଆସିକା ଏବଂ ଢେଙ୍କାନାଳ ଆଖୁ ଉତ୍ପାଦନ ସମୟରେ ବର୍ଷକୁ କିଛିମାସ ପାଇଁ ଚାଲୁଛି । ୫ବର୍ଷ ପୂର୍ବେ ଗଞ୍ଜାମ ଜିଲାରେ ୧୦ହଜାର ହେକ୍ଟର ଅଞ୍ଚଳରେ ଆଖୁଚାଷ ହେଉଥିଲା। ବର୍ତ୍ତମାନ ତାହା ୩ ହଜାର ହେକ୍ଟରକୁ କମି ଆସିଛି। ଆଖୁ ଚାଷୀମାନଙ୍କ ପାଇଁ ସରକାର ବିଶେଷ କିଛି ସୁବିଧା କରୁନାହାନ୍ତି। ଚାଷୀଙ୍କୁ ନିର୍ଦ୍ଧାରିତ ସମୟରେ ଆଖୁ ଏବଂ ପରିବହନ ଅର୍ଥ ପ୍ରଦାନ କରାଯାଉନାହିଁ। ଏହିଭଳି ପରିସ୍ଥିତିରେ ଆଖୁ ଚାଷୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ସରକାର କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି।



କେନ୍ଦ୍ର ସାର ଓ ରସାୟନ ରାଷ୍ଟ୍ର ମନ୍ତ୍ରୀଙ୍କୁ ପ୍ରତିନିଧିମଣ୍ଡଳୀ ଭେଟୁଛନ୍ତି ।

## ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ

ଗଞ୍ଜାମ,୧୯।୧୨(ଡି.ଏନ.ଏ.)

ହକି ବିଶ୍ୱକପ ଅବସରରେ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ବିଇଓ ଭାଗିରଥି ବେହେରା, ଏବିଇଓ ବିଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ୱେଲଫେୟାର ଅଫିସର ପ୍ରକାଶ ଚନ୍ଦ୍ର ନାୟକ ସଂଯୋଜନା କରିଥିଲେ। ଉତ୍ତମ ଶରୀର ଗଠନ ପାଇଁ କ୍ରୀଡ଼ା ଏକ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ଲକ ଅଧୀନରେ ଥିବା କଲେଜ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଦୌଡ଼ ପ୍ରତିଯୋଗିତାରେ ବାଳିକା ବିଭାଗରେ ଗଞ୍ଜାମ କଲେଜର ଛାତ୍ରୀମାନେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଭାରତୀ ବିଦ୍ୟାପୀଠ କ୍ରୀଡା ଶିକ୍ଷକ ପ୍ରୀତିରଞ୍ଜନ ପ୍ରଧାନ, ରାଜେଶ ଦିକ୍ଷୀତ, ପ୍ରିତମ ବେହେରା, ସୁରେଶ ପାତ୍ର, ସନ୍ଦୀପ ନାୟକ, ସୁନିଲ ବେହେରା, ମନୋଜ ମାଝୀ ପ୍ରମୁଖ ଖେଳ ପରିଚାଳନା କରିଥିବା ବେଳେ ଜିପିଓ ଶ୍ରୀକାନ୍ତ କୁମାର ଗୌଡ଼ଙ୍କ ସମେତ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।